Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

ଦିଲ୍ଲୀରେ ଇଣ୍ଡିଆ ମେଂଟର 'ଦିଲ୍ଲୀ ଚଲୋ' ରାଲିକୁ ଟକ୍କର ଦେବ ବିଜେପି



ନୂଆଦିଲ୍ଲୀ,୩୧/୧୦: ଦିଲ୍ଲୀରେ ଇଣ୍ଡିଆ ମେଂଟର 'ଦିଲ୍ଲୀ ଚଲୋ' ରାଲିକୁ ଟକ୍କର ଦେବ ବିଜେପି । କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଂଟ ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମଇଦାନରେ 'ଦିଲ୍ଲୀ ଚଲୋ' ରାଲି କରିବାକୁ ଘୋଷଣା କରିଛି । ଏହାର ଜବାବରେ ବିଜେପି ଏକ ପ୍ରତିବାଦ ରାଲି ଆୟୋଜନ କରିବାକୁ ରଣନୀତି କରିଛି । ଏଥିରେ ୧୯୮୪ ମସିହାର ଶିଖ୍ ବିରୋଧୀ ଦଙ୍ଗା ପ୍ରସଙ୍ଗକୁ ପ୍ରମୁଖ ଭାବେ ଉଠାଇବାକୁ ଦଳ ପ୍ରସ୍ତୁତି ଚଳାଇଛି । ଦିଲ୍ଲୀର ହରିନଗର ଅଂଚଳରେ ବିଜେପି ପକ୍ଷରୁ ହେବାକୁ ଥିବା ଏହି ପ୍ରତିବାଦ ଶୋଭାଯାତ୍ରାରେ ପ୍ରାୟ ୫,୦୦୦ ଲୋକ ସାମିଲ ହେବେ । ଏଥିରେ ଶିଖ୍ ସମ୍ପ୍ରଦାୟର ସଦସ୍ୟ, ବିଶେଷକରି ୧୯୮୪ ମସିହାର ଦଙ୍ଗା ପୀଡ଼ିତ ଏବଂ ସେମାନଙ୍କ ପରିବାରବର୍ଗ ଯୋଗଦେବାର ସମ୍ଭାବନା ରହିଛି। ଆଗାମୀ ପଞ୍ଜାବ ବିଧାନସଭା ନିର୍ବାଚନକୁ ନଜରରେ ରଖି ବିଜେପି ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଉଥିବା କୁହାଯାଉଛି । ଦଙ୍ଗା ସମୟରେ କଂଗ୍ରେସ ନେତାମାନଙ୍କ କଥିତ ଭୂମିକାକୁ ଦଳ ଲୋକଙ୍କ ସାମ୍ନାକୁ ଆଣିବାକୁ ଯୋଜନା କରିଛି । ଅନ୍ୟପଟେ ଇଣ୍ଡିଆ ମେଂଟ ମଧ ନଭେମ୍ବର ୧ରେ ରାମଲୀଳା ମଇଦାନରେ ନିଜର ଶକ୍ତି ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହେଉଛି । କଂଗ୍ରେସ ନେତାଙ୍କ ଦାବି ଅନୁଯାୟୀ, ଏହି ରାଲିରେ ପ୍ରାୟ ୧୦ ଲକ୍ଷ ଲୋକ ଯୋଗଦେଇପାରନ୍ତି । ନଭେମ୍ବର ୧ ତାରିଖରେ ଦିଲ୍ଲୀର ରାମଲୀଳା ମଇଦାନରେ ଇଣ୍ଡିଆ ମେଂଟର 'ଚଲୋ ଦିଲ୍ଲୀ' ରାଲିରେ ମୁଖ୍ୟତଃ ଭୋଟ୍ ଚୋରି ଅଭିଯୋଗ, ନିର୍ବାଚନ କମିଶନଙ୍କ ଭୂମିକା ଏବଂ ସମ୍ବିଧାନର ସୁରକ୍ଷା ପ୍ରସଙ୍ଗ ଉଠାଯିବ । ରାହୁଲ ଗାନ୍ଧୀ ଦେଶବାସୀ ଓ ଛାତ୍ରଛାତ୍ରୀଙ୍କୁ ଏହି ରାଲିରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି । ତାଙ୍କ କହିବା ଅନୁସାରେ, ଏହା କୌଣସି ଗୋଟିଏ ରାଜନୈତିକ ଦଳର ରାଲି ନୁହେଁ, ବରଂ ଗଣତନ୍ତ୍ର ଓ ଦେଶର ସମ୍ବିଧାନର ସୁରକ୍ଷା ପାଇଁ ଏକ ମିଳିତ ପ୍ରତିବାଦ । ବିଶେଷ କରି ଭୋଟର ତାଲିକାରେ ଅନିୟମିତତା ଏବଂ ଭୋଟରଙ୍କ ନାମ କାଟିବା ନେଇ ବିରୋଧୀ ନେତାମାନେ ସରକାର ଉପରେ ବର୍ଷିବେ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିବେ ବିରୋଧୀ ନେତା । ରାହୁଲ ଗାନ୍ଧୀ ଏହି ରାଲିକୁ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଏକ ମିଳିତ ଆନ୍ଦୋଳନ ବୋଲି ଜୋର ଦେଇ ମାଇଲେଜ୍ ନେବାକୁ ଚାହିଁବେ। କଂଗ୍ରେସ ସମେତ ଇଣ୍ଡିଆ ମେଂଟର ବିଭିନ୍ନ ଦଳର ନେତା ଓ କର୍ମୀ ସରକାରଙ୍କୁ ସମାଲୋଚନା କରିବେ। ସେ ପ୍ରଶ୍ନ ଉଠାଇଛନ୍ତି।

ସ୍କୁଲ ଯିବା ବାଟରେ ଓଲଟିଲା ଅଟୋ

୬ ଛାତ୍ରଛାତ୍ରୀ ଗୁରୁତର, ୨ ବ୍ରହ୍ମପୁର ସ୍ଥାନାନ୍ତର

ଗଞ୍ଜାମ,୩୧/୧୦(ନି/ପ୍ର):ସ୍କୁଲ ଯିବା ବାଟରେ ଅଘଟଣ । ପିଲାଙ୍କୁ ନେଇ ଯାଉଥିବା ଅଟୋ ଓଲଟି ପଡ଼ିବାରୁ ୬ ଜଣ ଛାତ୍ରଛାତ୍ରୀ ଗୁରୁତର। ଏଭଳି ଏକ ଦୁର୍ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅଚଂଳର ଲଙ୍ଗଳେଶ୍ୱରରେ । ଦୁର୍ଘଟଣା ପରେ ଆହତ ପିଲାଙ୍କୁ ନେଇ ଚିନ୍ତାରେ ପରିବାର ଲୋକେ । ସୂଚନା ଅନୁସାରେ, ଭେଜିପୁଟରୁ ୮ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଅଟୋ ନାଭାଲ କେନ୍ଦ୍ରୀୟ ବିଦ୍ୟାଳୟ ଅଭିମୁଖେ ଯାଉଥିଲା । ତେବେ ଲଙ୍ଗଳେଶ୍ୱର ନିକଟରେ ଅଟୋଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା ।ଅଟୋରେ ଥିବା ୮ ଜଣ ପିଲାଙ୍କ ମଧ୍ୟରୁ ୬ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ଅବସ୍ଥା ଗୁରୁତର ରହିଛି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନହେବାରୁ ତୁରନ୍ତ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟ ଆହତ ଛାତ୍ରଛାତ୍ରୀଙ୍କ ଚିକିତ୍ସା ଚାଲିଛି ।

ପଞ୍ଜାବ ନିର୍ବାଚନ ପାଇଁ ଆପର ୪୦ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା:

ଧୁରୀରୁ ଲଢ଼ିବେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍

ଚଣ୍ଡୀଗଡ,୩୧/୧୦: ଆଗାମୀ ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପାଇଁ ଶାସକ ଆମ୍ ଆଦମୀ ପାର୍ଟି (ଆପ୍) ଶନିବାର ତା'ର ୪୦ ଜଣିଆ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ନିର୍ବାଚନର ପ୍ରାୟ ୪ ମାସ ପୂର୍ବରୁ ପ୍ରାର୍ଥୀ ଘୋଷଣା କରି ଦଳ ନିଜର ନିର୍ବାଚନୀ ପ୍ରଚାରକୁ ଆଗୁଆ ଶାଣିତ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଥମ ତାଲିକାରେ ଦଳ କୌଣସି ନୂଆ ଚେହେରାକୁ ସୁଯୋଗ ନଦେଇ ସମସ୍ତ ୪୦ଟି ଆସନରେ ଥିବା ବିଧାୟକଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିଛି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନିଜର ପାରମ୍ପରିକ ଆସନ ''ଧୁରୀ''ରୁ ପୁଣି ଥରେ ନିର୍ବାଚନ ଲଢ଼ିବେ। ସେହିପରି ଲୁଧିଆନା ୱେଷ୍ଟ୍ଆସନରୁ ଜେଲରେ ଥିବା ବିଧାୟକ ସଞ୍ଜୀବ ଅରୋଡ଼ାଙ୍କୁ ଦଳ ପୁନଃପ୍ରାର୍ଥୀ କରିଛି। ଅନ୍ୟ ପ୍ରମୁଖ ନେତାମାନଙ୍କ ମଧ୍ୟରେ ଅମୃତସର ସାଉଥରୁ ଡକ୍ଟର ଇନ୍ଦରବୀର ସିଂହ ନିଜ୍ଜର, ଆଜନାଲାରୁ କୁଲଦୀପ ସିଂହ ଧାଲିୱାଲ, କରତାରପୁରରୁ ବଲକାର ସିଂହ, ପାଟିଆଲାରୁ ଅଜିତପାଲ ସିଂହ କୋହଲି, ମୋହାଲିରୁ କୁଲୱନ୍ତ ସିଂହ ଏବଂ କୋଟକପୁରାରୁ କୁଲତାର ସିଂହ ସନ୍ଧୱାନଙ୍କ ନାମ ରହିଛି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ସୂଚନା ଦେଇଛନ୍ତି ଯେ, ଜନସାଧାରଣଙ୍କ ସର୍ଭେ ଏବଂ ବିଧାୟକମାନଙ୍କ କାର୍ଯ୍ୟଦକ୍ଷତା ଆଧାରରେ ହିଁ ପ୍ରାର୍ଥୀ ଚୟନ କରାଯାଇଛି। ୧୧୭ ଆସନ ବିଶିଷ୍ଟ ପଞ୍ଜାବ ବିଧାନସଭାର ପ୍ରାୟ ୩୪ ପ୍ରତିଶତ ଆସନରେ ପ୍ରାର୍ଥୀ ଘୋଷଣା ସରିଥିବା ବେଳେ ଆସନ୍ତା ସପ୍ତାହରେ ଦଳ ତା'ର ଦ୍ୱିତୀୟ ପ୍ରାର୍ଥୀ ତାଲିକା ପ୍ରକାଶ କରିବ। ରାଜନୈତିକ ବିଶ୍ଳେଷକଙ୍କ ମତରେ, ଆଗୁଆ ପ୍ରାର୍ଥୀ ଘୋଷଣା କରି ଆପ୍ ବିରୋଧୀ ଦଳଗୁଡ଼ିକ ଉପରେ ଚାପ ସୃଷ୍ଟି କରିବା ସହ ନିଜ ପ୍ରାର୍ଥୀମାନଙ୍କୁ ସ୍ଥାନୀୟ ସ୍ତରରେ ସଂଗଠନ ମଜବୁତ କରିବାକୁ ପର୍ଯ୍ୟାପ୍ତ ସମୟ ଦେଇଛି।

ଇରାନକୁ ଆମେରିକାର ବଡ଼ ପ୍ରସ୍ତାବ !

ୟୁରେନିୟମ୍ ଭଣ୍ଡାର ଛାଡ଼ିଲେ ମିଳିବ କଟକଣାରୁ ମୁକ୍ତି

ନୂଆଦିଲ୍ଲୀ,୩୧।୧୦: ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ପାଇଁ ପ୍ରସ୍ତୁତ ପ୍ରାରମ୍ଭିକ ଡ୍ରାଫ୍ଟ ଅନୁଯାୟୀ, ତେହେରାନ ଏହାର ଅଧିକ ସମୃଦ୍ଧ ୟୁରେନିୟମ ଭଣ୍ଡାରକୁ କୌଣସି ତୃତୀୟ ଦେଶକୁ ହସ୍ତାନ୍ତର କରିବା କିମ୍ବା ଏହାର ସମୃଦ୍ଧତା ସ୍ତରକୁ ହ୍ରାସ କରିବା ନେଇ ପ୍ରସ୍ତାବ ରହିଛି । ଏହା ବ୍ୟତୀତ, ପ୍ରାରମ୍ଭିକ ସହମତି ହେବାର ୭ ଦିନ ଭିତରେ ହୋର୍ମୁଜ ମଧ୍ୟକୁ ଆନ୍ତର୍ଜାତୀୟ ଜାହାଜଗୁଡ଼ିକ ପାଇଁ ପୁନର୍ବାର ଖୋଲିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି । ସୂଚନା ଅନୁଯାୟୀ, ଏହି ପ୍ରସ୍ତାବିତ ଡ୍ରାଫ୍ଟରେ ଚୀନ୍‌କୁ ଯେକୌଣସି ଚୁକ୍ତିର କାର୍ଯ୍ୟାନ୍ୱୟନ ଏବଂ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏକ ସମ୍ଭାବ୍ୟ ଗ୍ୟାରେଂଟର ଭାବରେ ମଧ୍ୟ ନାମିତ କରାଯାଇଛି । ୱାଶିଂଟନ୍ ଏବଂ ତେହେରାନ ମଧ୍ୟରେ ଇସ୍ତାନବୁଲ୍ ପରିବର୍ତ୍ତେ ଦୋହାରେ ସିଧାସଳଖ ଆଲୋଚନା ହେବ । ଏହି ପ୍ରସ୍ତାବିତ ବ୍ୟବସ୍ଥା ଅଧୀନରେ, ଇରାନ ଏହାର ପରମାଣୁ କାର୍ଯ୍ୟକ୍ରମ ଏବଂ ସାମୁଦ୍ରିକ ସୁରକ୍ଷା ଉପରେ ପ୍ରତିଶ୍ରୁତି ପାଳନ କରିବ।

ସାମରିକ ଶକ୍ତି ଦ୍ୱାରା ବିଶ୍ୱର ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ହୋଇ ପାରିବ ନାହିଁ, କୂଟନୀତିର ଆବଶ୍ୟକତା ରହିଛି: ଏସ ଜୟଶଙ୍କର

ଆଟଲାଣ୍ଟା,୩୧/୧୦: ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଜି-୨୦ ପ୍ଲାଟଫର୍ମରୁ କହିଛନ୍ତି ଯେ, ସାମରିକ ଶକ୍ତି ଦ୍ୱାରା ବିଶ୍ୱର ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ହୋଇପାରିବ ନାହିଁ। ସେ ବିଶ୍ୱ ନେତାମାନଙ୍କୁ କୂଟନୀତିକୁ ସୁଯୋଗ ଦେବାକୁ ନିବେଦନ କରିଛନ୍ତି। ଆମେରିକାର ଆଟଲାଟାସରେ ଅନୁଷ୍ଠିତ ଜି-୨୦ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ସେ ଏହା କହିଛନ୍ତି। ବୈଠକର ପ୍ରଥମ ପୂର୍ଣ୍ଣାଙ୍ଗ ଅଧିବେଶନରେ, ଭାରତୀୟ ବୈଦେଶିକ ମନ୍ତ୍ରୀ ବେସାମରିକ ଜାହାଜ ଏବଂ ନାବିକଙ୍କ ଉପରେ ଆକ୍ରମଣ ସମ୍ପର୍କରେ ଚିନ୍ତା ପ୍ରକାଶ କରି ଏହାକୁ ବନ୍ଦ କରିବାକୁ ଦାବି କରିଛନ୍ତି। ଜୟଶଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଏନେଇ ସୂଚନା କହିଛନ୍ତି ଯେ, ଗ୍ଲୋବାଲ୍ ସାଉଥ୍ ସାଧାରଣ ନାଗରିକ ଜାହାଜ ଚଳାଚଳ ଏବଂ ନାବିକମାନଙ୍କ ଉପରେ ଆକ୍ରମଣରୁ ଅତ୍ୟଧିକ କ୍ଷତିଗ୍ରସ୍ତ ହେଉଛି, ଯାହା ଇନ୍ଧନ, ଖାଦ୍ୟ ଏବଂ ସାରର ଉପଲବ୍ଧତା ଏବଂ ମୂଲ୍ୟକୁ ବିପଦରେ ପକାଇଛି। ସେ ନୌଚାଳନାର ସ୍ୱାଧୀନତା ବଜାୟ ରଖିବା ଏବଂ ଆନ୍ତର୍ଜାତୀୟ ଆଇନ, ବିଶେଷକରି ଜାତିସଂଘ ସମୁଦ୍ର ଆଇନ ସମ୍ବନ୍ଧୀୟ ସମ୍ମିଳନୀକୁ କାର୍ଯ୍ୟକାରୀ କରି ବେସାମରିକ ଜାହାଜ ଉପରେ ଆକ୍ରମଣକୁ ତୁରନ୍ତ ରୋକିବା ଉପରେ ଗୁରୁତ୍ୱାରୋପ କରି ଉଲ୍ଲେଖ କରିଛନ୍ତି ଯେ, ଭାରତ ଏବଂ ଲାଇବେରିଆ ନାବିକମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ମିଳିତ ପଦକ୍ଷେପ ଆରମ୍ଭ କରିଛନ୍ତି। ଆତଙ୍କବାଦର ବିପଦକୁ ଅଣଦେଖା କରିବା ବିରୋଧରେ ସେ ଚେତାବନୀ ଦେଇ କହିଛନ୍ତି, ଯେ ଏହା ଏକ ବିପଦପୂର୍ଣ୍ଣ କାର୍ଯ୍ୟକଳାପ।

ଗଞ୍ଜାମରେ ସ୍ଥିତି ସୁଧୁରୁଛି

ଭୁବନେଶ୍ୱର,୩୧/୧୦(ନି/ପ୍ର): ବାତ୍ୟା ପରେ ଲଗାଣ ବର୍ଷାରେ ତିନି ଜିଲ୍ଲା ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲା ଅଧିକ ପ୍ରଭାବିତ ହୋଇଛନ୍ତି । ଗଞ୍ଜାମ ଜିଲ୍ଲା ପାତ୍ରପୁରରେ ବର୍ଷା ସବୁ ରେକର୍ଡ ଭାଙ୍ଗିଛି । ଏବେ ସ୍ଥିତିରେ ସୁଧାର ଆସୁଛି, ଗଞ୍ଜାମ ଜିଲ୍ଲାରେ ୩୬୭ ରିଲିଫ କ୍ୟାମ୍ପରେ ୩୯ ହଜାର ୬୧୯ ଲୋକ ଅଛନ୍ତି । ଜିଲ୍ଲାରେ ମୋଟ ୧ ଲକ୍ଷ ୫ ହଜାର ୬୨୨ ଲୋକ ପ୍ରଭାବିତ ହୋଇଛନ୍ତି। ଏହାସହ ଗଜପତିରେ ୨୧ ହଜାର ୭୮୨ ଲୋକ ପ୍ରଭାବିତ ହୋଇଛନ୍ତି । ୩୪୦ ରିଲିଫ କ୍ୟାମ୍ପରେ ବନ୍ୟା ବିପନ୍ନଙ୍କୁ ସୁବିଧା ଦିଆଯାଉଛି । ଆଜି ଆସିକାରେ ବିଦ୍ୟୁତ ସଂଯୋଗ ହୋଇଯିବ। ଜିଲ୍ଲାରେ ୮୦ ରୁ ୮୫ ପ୍ରତିଶତ ବିଦ୍ୟୁତ ଭିତ୍ତିଭୂମି ପୁନଃରୁଦ୍ଧାର ହୋଇଛି । ସବୁ ଗାଁ ୱାର୍ଡରେ ରନ୍ଧା ଖାଦ୍ୟ ଦିଆଯାଉଛି। ଛତ୍ରପୁର ସର ଭୀମପୁର ଗାଁରେ ଖାଦ୍ୟ ଏୟାରଡ୍ରୋପ କରାଯାଉଛି । ଭଞ୍ଜନଗରର ହାମଲେଟ ଗିଡ଼ିପାବାଲ, ବାଇବାଲି ପଚାଂୟତ ଭଞ୍ଜନଗର ବ୍ଲକ ଭୂସ୍ଖଳନ ଯୋଗୁଁ ୧୩ ଲୋକ ନିଖୋଜ ହୋଇଛନ୍ତି । ତାରା ବତି ପ୍ରଧାନ ବୃଦ୍ଧା ନିଖୋଜ ଥିବାବେଳେ ତାଙ୍କୁ ଉଦ୍ଧାର କରାଯାଇଛି ।ଅନ୍ୟମାନଙ୍କୁ ଖୋଜିବାକୁ ୩ ଅଗ୍ନିଶମ,ଏନଡ଼ିଆରଏଫ ର ୧୬୦ ରୁ ୧୭୦ ଜଣ ନିୟୋଜିତ ହୋଇଛନ୍ତି । ତେବେ କାଲି ରାତିରୁ ସର୍ଚ୍ଚ ଅପରେସନ ଚାଲିଛି । ପାହାଡ଼ ଉପରେ ଗାଁ ଥିଲା, ସେଠାରେ ୨୫ ଲୋକ ରହୁଥିଲେ ଏବଂ ୧୩ ଜଣ ନିଖୋଜ ହୋଇଥିଲେ। ଜଣେ ଉଦ୍ଧାର ହୋଇଥିବାବେଳେ ଏବେ ମଧ୍ୟ ୧୨ ଜଣ ନିଖୋଜ ରହିଛନ୍ତି । ଏହାସହ ରାଇକିଆ ବ୍ଲକରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗଜପତି ଜିଲ୍ଲାରୁ ଜଣେ ନିଖୋଜ ହୋଇଛନ୍ତି । ଯାତାୟାତ ସମସ୍ୟା ଆଂଶିକ ଭାବେ ସମାଧାନ ହୋଇଛି ଏବଂ ସନ୍ଧ୍ୟା ସମୟରେ ସ୍ଥିତିରେ ଉନ୍ନତି ଦେଖାଦେଇଛି। ଅଧିକାଂଶ ବସ୍ ଚଳାଚଳ ଆରମ୍ଭ କରିଛନ୍ତି । ଅବଶିଷ୍ଟ ବସ୍‌ଗୁଡ଼ିକୁ ଆଜି ସକାଳ ସୁଦ୍ଧା ଚଳାଚଳକୁ ସୁନିଶ୍ଚିତ କରାଯିବ ।

ୟୁକ୍ରେନକୁ ୨.୧ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ବିକ୍ରି ଚୁକ୍ତିକୁ ଆମେରିକାର ଅନୁମୋଦନ

ୱାସିଂଟନ/କିଭ୍,୩୧/୧୦: ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ପାଇଁ ଏକ ଆମେରିକା ଖୁସି ଖବର ଆଣିଛି। ରୁଷକୁ କଡ଼ା ଜବାବ ଦେବା ପାଇଁ ୟୁକ୍ରେନକୁ ୨.୧ ବିଲିୟନ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ବିକ୍ରି କରିବା ଚୁକ୍ତିକୁ ଆମେରିକା ଅନୁମୋଦନ କରିଛି। ଷ୍ଟେଟ ଡିପାର୍ଟମେଂଟର ରାଜନୈତିକ ଏବଂ ସାମରିକ ବ୍ୟାପାର ବ୍ୟୁରୋ ଦ୍ୱାରା ଏହା କରାଯାଇଛି। ଚୁକ୍ତି ଅନୁଯାୟୀ, ୟୁକ୍ରେନକୁ ୫୦୦ଟି ପାଟ୍ରିଅଟ୍ ଆଡଭାନ୍ସଡ୍ କ୍ୟାପାବିଲିଟି-୩ କ୍ଷେପଣାସ୍ତ୍ର ଏବଂ ସମ୍ପର୍କିତ ଉପକରଣ ଯୋଗାଇ ଦିଆଯିବ।ଆମେରିକାର ବୈଦେଶିକ ବିଭାଗ ଅନୁଯାୟୀ, ଏହି ପ୍ରସ୍ତାବିତ ବିକ୍ରୟ ୟୁରୋପରେ ରାଜନୈତିକ ଏବଂ ଆର୍ଥିକ ସ୍ଥିରତା ପାଇଁ ଏକ ଶକ୍ତି ଭାବରେ ବିବେଚିତ ଅଂଶୀଦାର ଦେଶ ୟୁକ୍ରେନର ସୁରକ୍ଷାକୁ ସୁଦୃଢ଼ କରିବ। ଏହା ଆମେରିକାର ବୈଦେଶିକ ନୀତି ଏବଂ ଜାତୀୟ ସୁରକ୍ଷା ଉଦ୍ଦେଶ୍ୟକୁ ମଧ୍ୟ ସମର୍ଥନ କରିବ। ୟୁକ୍ରେନ ଏଥିପାଇଁ କାନାଡା, ଜର୍ମାନୀ ଏବଂ ନରୱେରୁ ଆର୍ଥିକ ସହାୟତା ସହିତ ନିଜର ଜାତୀୟ ପାଣ୍ଠିରୁ ଅର୍ଥ ପ୍ରଦାନ କରିବ। ୟୁକ୍ରେନକୁ ୟୁରୋପୀୟ ସଂଘର ସହାୟତା ଋଣ ମାଧ୍ୟମରେ ମଧ୍ୟ ପାଣ୍ଠି ଯୋଗାଇ ଦିଆଯିବ। ଏହି ସାମରିକ ବିକ୍ରୟରେ କୌଣସି ଆମେରିକୀୟ ସରକାରୀ ପାଣ୍ଠି ବ୍ୟବହାର କରାଯିବ ନାହିଁ ବୋଲି ଆମେରିକା ସ୍ପଷ୍ଟ କରିଛି। ଆମେରିକାର ଏହି ନିଷ୍ପତ୍ତିକୁ ସ୍ୱାଗତ କରି ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଜେଲେନସ୍କି ଅନୁମୋଦନକୁ ଏକ ଦୃଢ଼ ପଦକ୍ଷେପ ଭାବରେ ବର୍ଣ୍ଣନା କରି କହିଛନ୍ତି, ପାଟ୍ରିଅଟ୍ ଇଣ୍ଟରସେପ୍ଟର ମିସାଇଲର ଷ୍ଟକପାଇଲ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଶୀତ ଋତୁରେ ୟୁକ୍ରେନ ପାଇଁ ଏକ ଅତ୍ୟନ୍ତ ପ୍ରଭାବଶାଳୀ ପ୍ରତିରକ୍ଷା ପ୍ୟାକେଜ୍ ପ୍ରମାଣିତ ହୋଇପାରେ। ତେବେ ବର୍ତ୍ତମାନର ସର୍ତ୍ତାବଳୀ ଅନୁସାରେ ମିସାଇଲଗୁଡ଼ିକର ବିତରଣ ଆରମ୍ଭ ହେବା ପାଇଁ ଅନେକ ବର୍ଷ ଲାଗିପାରେ। ରୁଷ ସାମରିକ ବାହିନୀ ପ୍ରତିଦିନ ୟୁକ୍ରେନର ଶକ୍ତି ଭିତିଭୂମିକୁ ଟାର୍ଗେଟ କରୁଛି। ଏହା ଦ୍ୱାରା ମସ୍କୋକୁ ଏବେ କଡ଼ା ଜବାବ ଦିଆଯାଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

୬ ଘଟାଂରେ ଅବପାତ, ୨୪ ଘଟାଂରେ ବାତ୍ୟା !

ଭୁବନେଶ୍ୱର,୩୧/୧୦(ନି/ପ୍ର): ବଙ୍ଗୋପସାଗରରେ ଘନୀଭୂତ ହେଉଛି ଲଘୁଚାପ । ଧୀରେ ଧୀରେ ବଢୁଛି ବାତ୍ୟା ଆଶଙ୍କା । ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି କରି ଏବେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ଆଣ୍ଡାମାନ ନିକଟବର୍ତ୍ତୀ ଅଚଂଳରେ ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଜି ଅର୍ଥାତ୍ ଅକ୍ଟୋବର ୩୧ ତାରିଖ ସକାଳ ୮ଟା ୩୦ ସୁଦ୍ଧା ଲଘୁଚାପଟି ଅଧିକ ଘନୀଭୂତ ହୋଇ ସୁସ୍ପଷ୍ଟ ଲଘୁଚାପର ରୂପ ନେଇଛି। ଆଗାମୀ ୬ ଘଟାଂ ମଧ୍ୟରେ ଏହା ଅବପାତରେ ପରିଣତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । କେବଳ ସେତିକି ନୁହେଁ, ଅବପାତରେ ପରିଣତ ହେବାର ପରବର୍ତ୍ତୀ ୨୪ ଘଟାଂ ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ସାମୁଦ୍ରିକ ଝଡ଼ ବା ବାତ୍ୟାର ରୂପ ନେଇପାରେ ।

ଦିଲ୍ଲୀର ଜୋତା କାରଖାନାରେ ଭୟାବହ ଅଗ୍ନିକାଣ୍ଡ: ୪ ଶ୍ରମିକ ଜୀବନ୍ତ ଦଗ୍ଧ, ୨ ଗୁରୁତର

ନୂଆଦିଲ୍ଲୀ,୩୧/୧୦: ଦିଲ୍ଲୀର ମଙ୍ଗୋଲପୁରୀ ଇଣ୍ଡଷ୍ଟ୍ରିଆଲ୍ ଏରିଆ ଫେଜ୍-୧ ସ୍ଥିତ ଏକ ଜୋତା କାରଖାନାରେ ଶୁକ୍ରବାର ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ୪ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣାରେ ଦିଲ୍ଲୀ ପୁଲିସ ପକ୍ଷରୁ କାରଖାନା ମାଲିକ ଓ କର୍ତ୍ତୃପକ୍ଷଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୫ ଅଧୀନରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୯:୩୦ ରେ ଅଗ୍ନିଶମ ବାହିନୀକୁ ଏହି ଅଗ୍ନିକାଣ୍ଡ ସମ୍ପର୍କରେ ଖବର ମିଳିଥିଲା। ତୁରନ୍ତ ୧୬ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଚିଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୪ ମହଲା ବିଶିଷ୍ଟ ଏହି କୋଠାର ବେସମେଂଟରୁ ନିଆଁ ବ୍ୟାପିଥିବା ବେଳେ ଉପର ମହଲାରେ ୬ ଜଣ ଶ୍ରମିକ ଫସି ରହି ଅଚେତ ହୋଇପଡ଼ିଥିଲେ। ଅଗ୍ନିଶମ କର୍ମଚାରୀ ଓ ପୁଲିସ ସେମାନଙ୍କୁ ଉଦ୍ଧାର କରି ସଞ୍ଜୟ ଗାନ୍ଧୀ ମେମୋରିଆଲ୍ ହସ୍ପିଟାଲକୁ ନେଇଥିଲେ ହେଁ ସେଠାରେ ୪ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ମୃତକମାନେ ହେଲେ ପ୍ରେମ ଚାନ୍ଦ (୫୦), ହରିହର (୪୦), ଅଶୋକ (୨୫), ଏବଂ ଲାଲ୍ ବାବୁ (୩୮)। ଅପରପକ୍ଷରେ ଗୁରୁତର ଆହତ ହରେନ୍ଦ୍ର (୩୫) ଏବଂ ବିକାଶ (୨୧) ଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଶନିବାର ରାତି ୧ଟା ବେଳକୁ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିବା ବେଳେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ପାଟଣା ବ୍ଲକ ପାଇଁ ଗୌରବ:

ଇଟାଲୀର ମେସିନା ବିଶ୍ୱବିଦ୍ୟାଳୟରେ ଡାକ୍ତରୀ ପଢ଼ିବେ ମଲ୍ଲିପଶିର ସିଦ୍ଧାର୍ଥ ସାରଥୀ ବେଜ୍

କେନ୍ଦୁଝର,୩୧/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲିପଶି ଗ୍ରାମ ପାଇଁ ଆଣିଛନ୍ତି ଗୌରବ। ଆନ୍ତର୍ଜାତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା(ଆଇଏମଏଟି-୨୦୨୬)ରେ ସଫଳତା ହାସଲ କରି ଇଟାଲୀର ଐତିହାସିକ ମେସିନା ବିଶ୍ୱବିଦ୍ୟାଳୟରେ ଡାକ୍ତରୀ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଛନ୍ତି ପି.ଡି. ସିଦ୍ଧାର୍ଥ ସାରଥୀ ବେଜ୍। ତାଙ୍କର ଏହି ସଫଳତାରେ ପାଟଣା ବ୍ଲକ ସମେତ ସମଗ୍ର କେନ୍ଦୁଝର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ସିଦ୍ଧାର୍ଥ ମଲ୍ଲିପଶି ଗ୍ରାମର ଶିକ୍ଷକ ପାର୍ଥସାରଥୀ ବେଜ୍ ଓ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବେଜ୍‌ଙ୍କ ସୁପୁତ୍ର। ସେ ଆନ୍ତର୍ଜାତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ଆଇ ଏମଏଟି -୨୦୨୬ରେ କୃତିତ୍ୱ ଅର୍ଜନ କରିବା ସହ ସ୍କଲାରସିପ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହାଦ୍ୱାରା ତାଙ୍କର ବିଦେଶରେ ଡାକ୍ତରୀ ଶିକ୍ଷା ଗ୍ରହଣ କରିବାର ସ୍ୱପ୍ନ ସାକାର ହେବାକୁ ଯାଉଛି। ଇଟାଲୀର ପ୍ରସିଦ୍ଧ ମେସିନା ବିଶ୍ୱବିଦ୍ୟାଳୟ ଯାହା ୧୫୪୮ ମସିହାରେ ପ୍ରତିଷ୍ଠିତ, ସେଠାରେ ତାଙ୍କର ଡାକ୍ତରୀ ପାଠପଢ଼ା ପାଇଁ ନାମଲେଖା ପ୍ରକ୍ରିୟା ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ପଠାଯାଇଥିବା ଇ-ମେଲ୍‌ରେ ତାଙ୍କର ନାମଲେଖା ସମ୍ପର୍କିତ ସୂଚନା ମିଳିଥିବା ପରିବାର ପକ୍ଷରୁ କୁହାଯାଇଛି। ସିଦ୍ଧାର୍ଥଙ୍କ ଏହି ଆନ୍ତର୍ଜାତୀୟ ସଫଳତା ମଲ୍ଲିପଶି ଗ୍ରାମ ସହ ପାଟଣା ବ୍ଲକ ଓ କେନ୍ଦୁଝର ଜିଲ୍ଲାର ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟକ ହୋଇଛି। ଅଧ୍ୟବସାୟ, ନିଷ୍ଠା ଓ ଲକ୍ଷ୍ୟ ପ୍ରତି ସମର୍ପଣ ମାଧ୍ୟମରେ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ସଫଳତା ହାସଲ କରାଯାଇପାରିବ ବୋଲି ତାଙ୍କର ଏହି ସଫଳତା ପ୍ରମାଣିତ କରିଛି। ଭବିଷ୍ୟତରେ ଜଣେ ଦକ୍ଷ ଡାକ୍ତର ହୋଇ ଦୁଃଖୀ ଓ ଅସହାୟ ରୋଗୀଙ୍କ ସେବା କରିବା ସହ କେନ୍ଦୁଝର, ଓଡ଼ିଶା ଏବଂ ଭାରତର ସୁନାମ ଆନ୍ତର୍ଜାତୀୟ ସ୍ତରରେ ବୃଦ୍ଧି କରନ୍ତୁ ବୋଲି ପରିବାରବର୍ଗ ଓ ଶୁଭେଚ୍ଛୁମାନେ କାମନା କରିଛନ୍ତି। ଏଥିସହ ଜଗତଜନନୀ ମା' ତାରିଣୀ ଓ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଛନ୍ତି। ସିଦ୍ଧାର୍ଥଙ୍କ ଏହି ସଫଳତା ପାଟଣା ବ୍ଲକ ତଥା କେନ୍ଦୁଝର ଜିଲ୍ଲା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ପାଲଟିଛି।

ବଙ୍ଗଳା ଛକରେ ଟ୍ରାଫିକ ଯନ୍ତ୍ରଣା, ବସ୍‌ଷ୍ଟାଣ୍ଡ ଥାଇ ବଜାରରେ ବସ୍ !

ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରିତାକୁ ଅପେକ୍ଷା

ଘଟଗାଁ,୩୧/୧୦(ନି/ପ୍ର): ଘଟଗାଁରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ରୂପ ଧାରଣ କରୁଥିବାବେଳେ ଏହାର ସମାଧାନ ପାଇଁ ପୁଲିସ ପ୍ରଶାସନ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ଘଟଗାଁ ଥାନାରେ ଅନୁଷ୍ଠିତ କାଳୀପୂଜାର ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ପୂଜା ପ୍ରସ୍ତୁତି ସହ ଟ୍ରାଫିକ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।ବୈଠକରେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସିଂ ବଙ୍ଗଳା ଛକର ଟ୍ରାଫିକ ସମସ୍ୟା ଉଠାଇ କହିଥିଲେ ଯେ, ଛକରେ ଯାତ୍ରୀବାହୀ ବସଗୁଡ଼ିକ ଯାତ୍ରୀ ଉଠାଇବା ଓ ଓହ୍ଲାଇବା ପାଇଁ ଅଟକି ରହୁଥିବାରୁ ଅନ୍ୟ ଛୋଟ ଯାନବାହନ ମଧ୍ୟ ରାସ୍ତାରେ ଅଟକୁଛନ୍ତି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଟ୍ରାଫିକ ସମସ୍ୟା ଉତ୍କଟ ହେଉଛି। ଏହାକୁ ସମର୍ଥନ କରି ଭୀମସେନ ବଳ କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ବଙ୍ଗଳା ଛକ ବସ୍‌ଷ୍ଟାଣ୍ଡ ନୁହେଁ। ତଥାପି ବସଗୁଡ଼ିକ ସେଠାରେ ଅଟକି ରହି ପରିବହନ ନିୟମର ଉଲ୍ଲଙ୍ଘନ କରୁଛନ୍ତି। ପ୍ରାୟ ଚାରି କୋଟି ଟଙ୍କା ବ୍ୟୟରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଥିଲେ ମଧ୍ୟ ବସଗୁଡ଼ିକ ଷ୍ଟାଣ୍ଡ ଭିତରକୁ ନଯାଇ ବଜାର ରାସ୍ତାରେ ଅଟକୁଥିବାରୁ ସାଧାରଣ ଲୋକଙ୍କ ଯାତାୟାତ ଦୁର୍ବିଷହ ହୋଇପଡୁଛି। ଏହାର ପ୍ରଭାବ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ, ସ୍ଥାନୀୟ ଲୋକ, ସରକାରୀ କର୍ମଚାରୀ ଓ ରୋଗୀବାହୀ ଯାନ ଚଳାଚଳ ଉପରେ ପଡୁଛି। ଏହାର ଉତ୍ତରରେ ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା କହିଥିଲେ ଯେ, ଟ୍ରାଫିକ ସମସ୍ୟା ସମେତ ଅନ୍ୟାନ୍ୟ ଅବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳ ବିଡିଓଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ମନ୍ଦିର ନିକଟରେ ଥିବା ଉଠା ଭୋଗ ଦୋକାନୀମାନେ ଭକ୍ତଙ୍କୁ ଜୋରଜବରଦସ୍ତ ଭୋଗ କିଣିବାକୁ ବାଧ୍ୟ କରିପାରିବେ ନାହିଁ। ସେହିପରି ଦୋକାନ ସମ୍ମୁଖରେ ଯାନବାହନ ଅଟକାଇ ଭିଡ଼ ସୃଷ୍ଟି କରି କିଣାକିଣି କରିବା ଉପରେ ମଧ୍ୟ ନିୟନ୍ତ୍ରଣ ରହିବ। ବସଗୁଡ଼ିକୁ ବସ୍‌ଷ୍ଟାଣ୍ଡ ଭିତରେ ରଖି ନିର୍ଦ୍ଧାରିତ ସମୟରେ ଚଳାଚଳ କରାଇବାକୁ ନିର୍ଦ୍ଦେଶ ରହିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବା ସହ ଲୋକଙ୍କୁ ସଚେତନ କରାଯିବ ଏବଂ ନିୟମ ଅମାନ୍ୟକାରୀଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ କହିଥିଲେ।ତେବେ ପ୍ରଶ୍ନ ଉଠୁଛି-ଚାରି କୋଟି ଟଙ୍କା ବ୍ୟୟରେ ନିର୍ମିତ ବସ୍‌ଷ୍ଟାଣ୍ଡ ଥାଉ ଥାଉ ବଜାର ରାସ୍ତାରେ କାହିଁକି ବସ୍ ଅଟକୁଛି? ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କେବେ ବାସ୍ତବ ରୂପ ନେବ? ଆଲୋଚନା ଓ ପ୍ରତିଶ୍ରୁତିରେ ସୀମିତ ରହିବ ନା ଟ୍ରାଫିକ ଅବ୍ୟବସ୍ଥାରୁ ଘଟଗାଁବାସୀଙ୍କୁ ପ୍ରକୃତ ଆଶ୍ୱସ୍ତି ମିଳିବ? ଏବେ ସମସ୍ତଙ୍କ ନଜର ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ।

ଧାମରା ପୋର୍ଟ ୟୁନିଅନ ପକ୍ଷରୁ ମଦନ ଚରଣ ମାଝୀଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୩୧/୧୦(ନି/ପ୍ର):ଇଛାପୁର ସ୍ଥିତ ଭଟତିରା ରେଳ ଷ୍ଟେସନ ନିକଟରେ ଆଜି ଏକ ଅଭାବନୀୟ ପରିସ୍ଥିତିରେ ଧାମରା ପୋର୍ଟକୁ ଯାଇଥିବା ରେଳ ଲାଇନରେ କାର୍ଯ୍ୟ କରୁଥିବା କର୍ମଚାରୀ ମଦନ ଚରଣ ମାଝୀଙ୍କର ଗତକାଲି ମୃତ୍ୟୁ ବରଣ କରିଥିଲେ। ଆଜି ଧାମରା ପୋର୍ଟ ୱାର୍କର୍ସ ୟୁନିଅନ ତରଫରୁ ଆୟୋଜିତ ଏକ ଶୋକସଭା ସଦନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ସିଆଇଟିୟୁ ନେତା ଦିବ୍ୟସିଂହ ନାୟକ, ସୁବ୍ରତ ସାମଲ।

ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ସମୃଦ୍ଧି ପାଇଁ ସତ୍ୟନିଷ୍ଠା ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ

ଭୁବନେଶ୍ୱର,୩୧/୧୦(ନି/ପ୍ର): ସତର୍କତା ସଚେତନତା ସପ୍ତାହ ୨୦୨୬ ଅବସରରେ, ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର କାର୍ମିକ ବିଭାଗ ପକ୍ଷରୁ ଖୋର୍ଦ୍ଧା ରୋଡ୍ ସ୍ଥିତ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ବୈଠକ କକ୍ଷରେ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ସରକାରୀ ସେବାରେ ସାଧୁତା, ସ୍ୱଚ୍ଛତା, ଉତରଦାୟିତ୍ୱ ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଆଲୋଚନାଚକ୍ରରେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ମାନବିକୀ ଓ ସାମାଜିକ ବିଜ୍ଞାନ ବିଦ୍ୟାଳୟର ସହଯୋଗୀ ପ୍ରଫେସର ଶ୍ରୀ ଅମରେନ୍ଦ୍ର ଦାସ ଉଦ୍‌ବୋଧନ ଦେଇଥିଲେ। ସେ ସାଧୁତା, ସ୍ୱଚ୍ଛତା, ଉତରଦାୟିତ୍ୱ ଓ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରେଳ ଅଧିକାରୀ ଓ କର୍ମଚାରୀମାନେ ସର୍ବୋଚ୍ଚ ନୈତିକ ମାନଦଣ୍ଡ ବଜାୟ ରଖିବା ସହ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କାର୍ଯ୍ୟସଂସ୍କୃତି ଗଠନରେ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ମନୋବିଜ୍ଞାନ ଏବଂ କୃତ୍ରିମ ବୁଦ୍ଧିମତା ର ଉଦାହରଣ ଦେଇ ସରକାରୀ କାର୍ଯ୍ୟରେ ନୈତିକ ନିଷ୍ପତି ଗ୍ରହଣ ଓ ଦାୟିତ୍ୱପୂର୍ଣ୍ଣ ଆଚରଣର ଗୁରୁତ୍ୱ ବୁଝାଇଥିଲେ। ଏହି ଆଲୋଚନାଚକ୍ରରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ଅଧିକାରୀ, ପର୍ଯ୍ୟବେକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ। ସେମାନେ ସଂଗଠନର କାର୍ଯ୍ୟଧାରାରେ ସତର୍କତା ଓ ନୈତିକ ଆଚରଣର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୨୬ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ବିଷୟବସ୍ତୁକୁ ନେଇ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ବିଷୟବସ୍ତୁ ଜନସାଧାରଣଙ୍କ ଆସ୍ଥା ବୃଦ୍ଧି, ସୁଶାସନକୁ ସୁଦୃଢ଼ କରିବା ଏବଂ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାଧୁତା ଓ ନୈତିକ ଆଚରଣର ଗୁରୁତ୍ୱକୁ ଏହି ବିଷୟବସ୍ତୁ ପ୍ରତିଫଳିତ କରୁଛି। ରେଳ କର୍ମଚାରୀଙ୍କ ମଧ୍ୟରେ ସତର୍କତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ ନିଜ କର୍ତବ୍ୟକୁ ନିରପେକ୍ଷତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ସହିତ ସମ୍ପାଦନ କରିବାକୁ ଉତ୍ସାହିତ କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମଟି ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ-୧ ଅମରେନ୍ଦ୍ରନାଥ ମିଶ୍ରଙ୍କ ମାର୍ଗଦର୍ଶନରେ ସଂଯୋଜିତ ହୋଇଥିଲା। ଶେଷରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ-୨ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଲକ୍ଷ୍ମୀପୂଜା ବେଳେ ଅଘଟଣ :

ଜେନେରେଟର ଗ୍ୟାସ୍‌ରେ ଶ୍ୱାସରୁଦ୍ଧ ହୋଇ ୨ ଯୁବକ ମୃତ, ୩ ଗୁରୁତର

କେନ୍ଦୁଝର,୩୧/୧୦(ନି/ପ୍ର): ଲକ୍ଷ୍ମୀପୂଜା ଚାଲିଥିବା ବେଳେ ରାତିରେ ଜେନେରେଟର ଚଲାଇ ଗୋଟିଏ ଘରେ ଶୋଇଥିଲେ ୫ ଯୁବକ। ରାତିରେ ଜେନେରେଟର ଗ୍ୟାସରେ ସମସ୍ତେ ଶ୍ୱାସରୁଦ୍ଧ ହୋଇ ପଡ଼ିଥିଲେ। ସକାଳୁ କବାଟ ନ ଖୋଲିବାରୁ ଗାଁଲୋକେ ସେମାନଙ୍କୁ ଉଦ୍ଧାର କରି ବାଂଶପାଳ ମେଡିକାଲକୁ ନେଇଥିଲେ। ମେଡିକାଲ ନେବା ବାଟରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଗୁରୁତରଙ୍କୁ କେନ୍ଦୁଝର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା ସୁଡୁଙ୍ଗ ଗାଁରେ। ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ସୁଡୁଙ୍ଗ ଗାଁର ରାଜେନ୍ଦ୍ର ସାଆନ୍ତ ଓ ନିତୁ ସାଆନ୍ତ। ଗୁରୁତର ଜଗନ୍ନାଥ ଗିରି, ପ୍ରଶାନ୍ତ ଦେହୁରୀ, ନିରଦାଶ ଦେହୁରୀ। ୫ଜଣଙ୍କ ମଧ୍ୟରୁ ୪ ନାବାଳକ ଥିବା ଜଣାପଡିଛି। ଘଟଣା ସ୍ଥଳରେ ନୟାକୋଟ ପୁଲିସ ପହଂଚି ତଦନ୍ତ କରୁଛି। ଗୁରତର ୩ଜଣଙ୍କ ଅବସ୍ଥା ସଂକଟପନ୍ନ ଥିବା ଜଣାପଡିଛି।

କୁଲଡିହା ବନ ବିଭାଗ ଅଫିସ ଗୋଦାମ ଗୃହରେ ବ୍ୟାଟେରୀ ଫାଟି ଅଗ୍ନିକାଣ୍ଡ:

୩ ବାଇକ, ବନ୍ଧୁକ ଜଳିଗଲା

ନୀଳଗିରି,୩୧/୧୦(ନି/ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ କୁଲଡିହା ବନ ବିଭାଗ ଅଫିସ ଗୋଦାମ ଗୃହରେ ଆଜି ପୂର୍ବାହ୍ନ ପ୍ରାୟ ୧୦ ଘଟିକା ସମୟରେ ଅଗ୍ନିକାଣ୍ଡ ଘଟିଛି । ହଠାତ ଗୋଦାମ ଘରେ ଥିବା ବ୍ୟାଟେରୀ ଫାଟି ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଶିକାରୀଙ୍କ ଠାରୁ ଜବତ ହୋଇଥିବା ୩ ବାଇକ, ବନ୍ଧୁକ, ଆସବାବପତ୍ର ଜଳିଯାଇଛି ।ଘଟଣାସ୍ଥଳରେ ନୀଳଗିରି ଅଗ୍ନିଶମ ବିଭାଗ ପହଂଚି ନିଆଁକୁ ଆୟତ କରିଥିଲା। ଖବର ପାଇ ଘଟଣା ସ୍ଥଳରେ କୁଲଡିହା ରେଞ୍ଜର ମନୋରଞ୍ଜନ ନାୟକ ଓ ଏସିଏଫ ମାଣିକେଶ୍ୱରୀ ହାଁସଦା ପହଂଚି ତଦାରଖ କରିଥିଲେ।

ବି.ଟିପୁର କ୍ଷେତ୍ରୀୟ ସମ୍ପ୍ରଦାୟର କରୱାଚୌଥ୍ ପାଳିତ

ଭଦ୍ରକ,୩୧/୧୦(ନି/ପ୍ର): କ୍ଷେତ୍ରୀୟ ସମ୍ପ୍ରଦାୟର ମହିଳାଙ୍କ ପ୍ରମୁଖ ପର୍ବ କରୱାଚୌଥ ଗୁରୁବାର ରାତିରେ ଭଦ୍ରକ ଜିଲ୍ଲା ବି.ଟିପୁର ସ୍ଥିତ ଶିରିଡି ରାମେଶ୍ୱର ମନ୍ଦିର ପରିସରରେ ଆନନ୍ଦ ଉତ୍ସାହର ସହ ପାଳିତ ହୋଇଯାଇଛି । ସ୍ୱାମୀଙ୍କ ଦୀର୍ଘାୟୁ ଓ ପରିବାରର ସୁଖ ଶାନ୍ତି କାମନା କରି ବିବାହିତ ମହିଳା ମାନେ ଉପବାସ ରହି ଏହି ବ୍ରତ ପାଳନ କରିଥାନ୍ତି। କୁମାର ପୂର୍ଣ୍ଣିମିର ଚତୁର୍ଥ ଦିନରେ ଏହି ବ୍ରତ ପାଳନ କରାଯାଏ । ବ୍ରତଧାରୀ ମାନେ ଗୋବରରେ ନିର୍ମିତ ପାର୍ବତୀ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଅର୍ଘ୍ୟ ଟେକି ଚାଲୁଣି ସାହାଯ୍ୟରେ ଚନ୍ଦ୍ର ଦର୍ଶନ ପରେ ଅଟା, ମଇଦା ଓ କଳା ଜିରାରେ ତିଆରି ମଠୁରି ଭୋଗ ଲଗାଯାଇ ବନ୍ଦାଣ ପୂର୍ବକ ବ୍ରତ ଭଙ୍ଗା ଯାଇଥାଏ । ଶେଷରେ ସ୍ୱାମୀଙ୍କୁ ଜୁହାର କରି ସେମାନଙ୍କ ଦୀର୍ଘାୟୁ କାମନା କରିଥାନ୍ତି ବ୍ରତଧାରୀ ମହିଳା । ଏହି ପୂଜା ପାଇଁ ଶିରିଡି ରାମେଶ୍ୱର ମନ୍ଦିରକୁ ଆଲୋକ ମାଳାରେ ପରିଚାଳନା କମିଟିର ସପନ ସିଂହ, ଉଦିତ ନାରାୟଣ ସିଂହ, ମନୋରଞ୍ଜନ ରାମ୍‌ଙ୍କ ତତ୍ତ୍ୱାବଧାନରେ ସଜ୍ଜା ଯାଇଥିଲା ।

ମୋବାଇଲ ନଦେବାରୁ ମୁଷାମାରୀ ଖାଇ ଆତ୍ମହତ୍ୟା କଲା ଛାତ୍ର

କେନ୍ଦୁଝର, ୩୧/୧୦(ନି/ପ୍ର): ଘଟଗାଁ ଥାନା ଢେଙ୍କିକୋଟ ପୁଲିସ ବିଟ ଅଂଚଳ ଗଣ୍ଡଶିଳା ଗ୍ରାମର ମାଧବାନନ୍ଦ ମହାନ୍ତଙ୍କ ଦଶମ ଶ୍ରେଣୀର ରେ ପାଠ ପଢୁଥିବା ପୁଅ ନରେନ୍ଦ୍ର କୁମାର ମହାନ୍ତ(୧୫) ମୂଷାମାରୀ ଖାଇ ଆତ୍ମହତ୍ୟା କରିଛନ୍ତି। ଘରେ ମୋବାଇଲ ମାଗି ଏହା ନପାଇବାରୁ ସମ୍ଭବତଃ ମାନସିକ ଭାରସାମ୍ୟ ହରାଇ ଗତ ୨୭ ତାରିଖ ସନ୍ଧ୍ୟାରେ ସେ ଘରେ ଥିବା ମୂଷାମାରୀ ଖାଇ ଗୁରୁତର ହୋଇଥିଲେ। ପ୍ରଥମେ ତାକୁ ଘଟଗାଁ ଡାକ୍ତଖାନା ଓ ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଚିକିତ୍ସା କରା ଯାଇଥିବା ନାବାଳକ ନରେନ୍ଦ୍ରର ମୃତ୍ୟୁ ଘଟିଛି। ଘଟଗାଁ ଥାନା ଅପମୃତ୍ୟୁ ମାମଲା ୬୩/୨୦୨୬ମୂଳେ ଏଏସ୍‌ଆଇ ଉପେନ୍ଦ୍ର କୁମାର ନାୟକ ଆଜି କେନ୍ଦୁଝର ଯାଇ ନାବାଳକର ଶବ ବ୍ୟବଚ୍ଛେଦ କରାଇ ମରଶରୀର ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି।

ସତର୍କତା ସଚେତନତା ସପ୍ତାହ ଅବସରରେ

ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ୱାକାଥନ୍ ଆୟୋଜିତ

ଜୟପୁର,୩୧/୧୦(ନି/ପ୍ର): ପୂର୍ବତଟ ରେଳପଥ ରାୟଗଡ଼ା ରେଳମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୬ ଅବସରରେ ଏକ ୱାକାଥନ୍ ଆୟୋଜନ କରାଯାଇଥିଲା। ଅକ୍ଟୋବର ୨୬ରୁ ନଭେମ୍ବର ୧, ୨୦୨୬ ପର୍ଯ୍ୟନ୍ତ ପାଳନ କରାଯାଉଥିବା ଏହି ସପ୍ତାହର ବିଷୟବସ୍ତୁ ହେଉଛି "ସମୃଦ୍ଧି ପାଇଁ ସତ୍ୟନିଷ୍ଠା"। ସରକାରୀ ସେବାରେ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତରଦାୟିତ୍ୱର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ କାର୍ଯ୍ୟକ୍ଷେତ୍ରରେ ନୈତିକ ଆଚରଣକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ରାୟଗଡ଼ା ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଅମିତାଭ ସିଂହଲ ଉପସ୍ଥିତ ରହି ସରକାରୀ ସେବାରେ ସଚ୍ଚୋଟତା, ସ୍ୱଚ୍ଛତା, ଉତରଦାୟିତ୍ୱ ଏବଂ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ରେଳ କର୍ମଚାରୀମାନଙ୍କୁ ନିଜ ନିଜର କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା ଓ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବାକୁ ଉତ୍ସାହିତ କରିଥିଲେ। ଏହି ୱାକାଥନ୍‌ରେ ରାୟଗଡ଼ା ରେଳମଣ୍ଡଳର ବିଭିନ୍ନ ଶାଖାର ଅଧିକାରୀଙ୍କ ସମେତ ବହୁ ସଂଖ୍ୟାରେ ରେଳ ଅଧିକାରୀ ଓ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ୱାକାଥନ୍‌ଟି ରେଳବାଇ କଲୋନୀ, ରେଳବାଇର ବିଭିନ୍ନ କାର୍ଯ୍ୟାଳୟ ଓ ରାୟଗଡ଼ାର ସାଧାରଣ ଜନସମାଗମ ସ୍ଥଳ ଦେଇ ଅତିକ୍ରମ କରିଥିଲା। ଏହା ମାଧ୍ୟମରେ ରେଳ କର୍ମଚାରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ସଚ୍ଚୋଟତା, ନିଷ୍ଠା, ସ୍ୱଚ୍ଛତା ଓ ଉତରଦାୟିତ୍ୱର ବାର୍ତ୍ତା ପ୍ରସାର କରାଯାଇଥିଲା। ଏହି ପଦକ୍ଷେପ ଦୁର୍ନୀତିମୁକ୍ତ କାର୍ଯ୍ୟପରିବେଶ ଗଠନ ଏବଂ ଭାରତୀୟ ରେଳବାଇ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ସୁଦୃଢ଼ କରିବା ପାଇଁ ରେଳ କର୍ମଚାରୀଙ୍କ ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ରେଳମଣ୍ଡଳର କାର୍ଯ୍ୟକାରୀ କାର୍ମିକ ଅଧିକାରୀ ଶ୍ରୀ ଦିଗମ୍ବର ପାଢ଼ୀ ସଂଯୋଜନା କରିଥିଲେ। ରେଳ ଅଧିକାରୀ ଓ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ୱାକାଥନ୍‌ଟି ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେଳ କର୍ମଚାରୀଙ୍କ ମଧ୍ୟରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଓ ନିଜ କର୍ତବ୍ୟ ପ୍ରତି ଉତରଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହୋଇଥିଲା। ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ରାୟଗଡ଼ା ରେଳମଣ୍ଡଳ ସୁଶାସନକୁ ପ୍ରୋତ୍ସାହନ, ଦୁର୍ନୀତି ନିବାରଣ ଏବଂ ରେଳ ପ୍ରଶାସନ ପ୍ରତି ଜନସାଧାରଣଙ୍କ ଆସ୍ଥା ସୁଦୃଢ଼ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

ଦିବ୍ୟଜ୍ୟୋତି ଜ୍ଞାନ ଅମୃତ ବାର୍ଷିକ ପତ୍ରିକାର ଶୁଭ ଉନ୍ମୋଚନ ସମାରୋହ

ବଲାଙ୍ଗୀର,୩୧/୧୦(ନି/ପ୍ର): ଦିବ୍ୟଜ୍ୟୋତି ଜାଗୃତି ଯୋଗ ସଂଗଠନ, ବଲାଙ୍ଗୀର ପକ୍ଷରୁ ପ୍ରକାଶିତ ବାର୍ଷିକ ପତ୍ରିକା "ଦିବ୍ୟଜ୍ୟୋତି ଜ୍ଞାନ ଅମୃତ"ର ଶୁଭ ଉନ୍ମୋଚନ ହୋଇଥିଲା। ଏହି ଅବସରରେ ସଂଗଠନର ସମସ୍ତ ଯୋଗୀପ୍ରେମୀଙ୍କ ଉପସ୍ଥିତି ପରିବେଶକୁ ଆନନ୍ଦମୟ, ଉତ୍ସାହପୂର୍ଣ୍ଣ ଓ ଆଧ୍ୟାତ୍ମିକ ଭାବଧାରାରେ ଭରିଦେଇଥିଲା। ସଭାର ପ୍ରାରମ୍ଭରେ ମନୋଜ କୁମାର ବାରିକ ନିଜର ସୁନ୍ଦର ଓ ପ୍ରେରଣାଦାୟୀ ଅଭିଭାଷଣ ମାଧ୍ୟମରେ ସଭାକାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ। ତାଙ୍କର ମନୋଜ୍ଞ ବକ୍ତବ୍ୟ ଉପସ୍ଥିତ ଯୋଗୀପ୍ରେମୀମାନଙ୍କ ମନରେ ନୂତନ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଥିଲା। ଏହାପରେ ସଂଗଠନର ସଭାପତି ସୀତାରାମ ଦାସ ନିଜର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ। କୋଷାଧକ୍ଷ ନୀଳକଣ୍ଠ ମେହେର ନିଜର ଅନୁଭୂତି ଓ ମତାମତ ଉପସ୍ଥାପନ କରିଥିବାବେଳେ ସଂପାଦକ ହାୟୁମ ମହମ୍ମଦ ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ସଭାକୁ ସମ୍ବୋଧିତ କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରି ଶୁଭେଚ୍ଛା ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ସଂଗଠନର ଏହି ନିଆରା ପରମ୍ପରା ଓ ସେବାମୂଳକ ଯାତ୍ରାର ଅନ୍ୟତମ ବିନ୍ଧାଣୀ ବିରଂଚି ଗହୀର ଉପସ୍ଥିତ ରହି ସଂଗଠନର ଉତ୍ପତ୍ତି, ଆଦର୍ଶ ଓ ଉଦ୍ଦେଶ୍ୟ ସମ୍ପର୍କରେ ଐତିହାସିକ ତଥ୍ୟକୁ ଲିପିବଦ୍ଧ କରି ରଖିବା ପାଇଁ ବିରଂଚି ଗହୀର ଓ ସହଦେବ ଧରୁଆଙ୍କୁ ଅଭିଭାଷଣ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିଲେ। ସଂଗଠନର ଅତୀତ ଅନୁଭୂତି, ସଂଘର୍ଷ ଓ ଅଗ୍ରଗତିକୁ ଅଭିଲେଖ ଆକାରରେ ସଂରକ୍ଷିତ କରିବାର ଏହି ପ୍ରୟାସ ଭବିଷ୍ୟତ ପିଢ଼ି ପାଇଁ ନିଶ୍ଚିତ ଭାବେ ଏକ ପ୍ରେରଣାଦାୟୀ ପଦକ୍ଷେପ। ସଭାର ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରି ସଂଗଠନର ପରାମର୍ଶଦାତା ଆନନ୍ଦ ଚନ୍ଦ୍ର ବେହେରା ନିଜର ମୂଲ୍ୟବାନ ମତାମତ ଓ ପରାମର୍ଶ ଉପସ୍ଥାପନ କରିଥିଲେ। ସେହିପରି ସକ୍ରିୟ ସଭ୍ୟ ଦିଲ୍ଲୀପ ପାତ୍ର ଯୋଗର ମହତ୍ୱ, ଉପକାରିତା ଓ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଶୁଭ ଅବସରକୁ ଅଧିକ ମଙ୍ଗଳମୟ କରିବା ନିମନ୍ତେ ବିରଂଚି ଗହୀର ସଭାପତି ସୀତାରାମ ଦାସଙ୍କୁ ଭାରତମାତାଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିବା ପାଇଁ ଅନୁରୋଧ କରିଥିଲେ। ପରେ ସଭାପତି ସୀତାରାମ ଦାସ, ସଂପାଦକ ହାୟୁମ ମହମ୍ମଦ, କୋଷାଧକ୍ଷ, ନୀଳକଣ୍ଠ ମେହେର ଏବଂ ମୁନେସ କେଜ୍ରିୱାଲଙ୍କ ଦ୍ୱାରା ବାର୍ଷିକ ପତ୍ରିକାର ଶୁଭ ଉନ୍ମୋଚନ କରାଯିବା ନିମନ୍ତେ ଅନୁରୋଧ କରାଯାଇଥିଲା। ଏହିପରି ଏକ ଶୁଭ ମୁହୂର୍ତ୍ତରେ 'ଦିବ୍ୟଜ୍ୟୋତି ଜ୍ଞାନ ଅମୃତ'ର ଉନ୍ମୋଚନ କେବଳ ଏକ ପତ୍ରିକାର ପ୍ରକାଶନ ନୁହେଁ, ବରଂ ସଂଗଠନର ଆଦର୍ଶ, ଅନୁଭୂତି, ଯୋଗସାଧନା, ଆଧ୍ୟାତ୍ମିକ ଚେତନା ଓ ସାମାଜିକ ସେବାର ଭାବଧାରାକୁ ଜନମାନସରେ ପହଂଚାଇବାର ଏକ ମହତ୍ୱପୂର୍ଣ୍ଣ ପ୍ରୟାସ। ପରିଶେଷରେ ଉପସ୍ଥିତ ସମସ୍ତ ଯୋଗୀପ୍ରେମୀଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା ଏବଂ ସୌହାର୍ଦ୍ଦ୍ୟ, ଆନନ୍ଦ ଓ ପାରସ୍ପରିକ ଶୁଭେଚ୍ଛା ମଧ୍ୟରେ ସଭାକାର୍ଯ୍ୟର ସମାପନ ହୋଇଥିଲା।

ଜଗା ଦର୍ଶନ ପାଇଁ ଯାଇଥିଲେ ପୁରୀ, ଏପଟେ ଘରେ ପଶି ସବୁ ଲୁଟିନେଲେ ଚୋର



ବେତନଟୀ,୩୧/୧୦(ନି/ପ୍ର): ମନରେ ଥିଲା ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବାର ଅଭିଳାଷ। ପରିବାର ସହ ପୁରୀ ଯାଇଥିଲେ ଜଗା ଦର୍ଶନ ପାଇଁ। ହେଲେ ଏପଟେ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଘରେ ପଶି ସବୁକିଛି ଲୁଟିନେଲେ ଦୁର୍ବୃତ୍ତ। ବହୁ କଷ୍ଟରେ ଝାଳବୁହା ପରିଶ୍ରମ କରି ସଂଚୟ କରିଥିବା ଟଙ୍କା ଓ ସୁନାରୂପା ଅଳଙ୍କାର ହରାଇ ଏବେ ଭାଙ୍ଗିପଡ଼ିଛନ୍ତି ପରିବାର। ନିଜର ଖଣ୍ଡିଏ ଜମି କିଣି ଘର କରିବାର ସ୍ୱପ୍ନ ଦେଖୁଥିବା ଜଣେ ପରିଶ୍ରମୀ ବ୍ୟବସାୟୀଙ୍କ ସ୍ୱପ୍ନକୁ ଛାରଖାର କରିଦେଇଛନ୍ତି ଚୋର। ସୂଚନା ଅନୁଯାୟୀ, ବୈଶିଙ୍ଗା-ରୁପ୍ସା ରାସ୍ତାର ପ୍ରିୟାଂଶି ରାଧେ କଲେଜ ନିକଟରେ ସୁଶୀଲ କୁମାର ସାହୁଙ୍କ ଘର ଭଡ଼ା ନେଇ ଗତ ୩ ବର୍ଷ ଧରି ରହିଆସୁଥିଲେ ଉତ୍ତରପ୍ରଦେଶର ଫିରୋଜାବାଦ ଅଂଚଳର ରାଜକୁମାର ଜୈନ, ତାଙ୍କ ସ୍ତ୍ରୀ ଭାରତୀ ବେହେରା ଓ ୧୦ ବର୍ଷୀୟ ପୁଅ। ରାଜକୁମାର ହାଟକୁ ହାଟ ବୁଲି ଛୋଟ ଷ୍ଟେସନାରୀ ସାମଗ୍ରୀ ବିକ୍ରି କରି ନିଜ ପରିବାର ଚଳାଇବା ସହ ଭବିଷ୍ୟତ ପାଇଁ ଟଙ୍କା ସଂଚୟ କରୁଥିଲେ। ତାଙ୍କର ନିଜସ୍ୱ ଘର କିମ୍ବା ଜମି ନଥିବାରୁ ଦିନେ ଖଣ୍ଡିଏ ଜମି କିଣି ନିଜର ଘରଟିଏ ନିର୍ମାଣ କରିବାକୁ ସ୍ୱପ୍ନ ଦେଖୁଥିଲେ। ଏଥିପାଇଁ ବହୁ କଷ୍ଟରେ ୩ ଲକ୍ଷ ଟଙ୍କା ସଂଚୟ କରି ଘରର ଆଲମିରାରେ ରଖିଥିଲେ। ତେବେ ଗତ ସୋମବାର ରାଜକୁମାର ନିଜ ପରିବାର ସହ ପୁରୀ ଯାଇଥିବା ବେଳେ ଆଜି ସକାଳେ ଘରକୁ ଫେରି ଦେଖିଥିଲେ ଘରର ତାଲା ଭଙ୍ଗାଯାଇଛି।

ବିବିଧା

ଶିଶୁଙ୍କ ଆଜ୍‌ମା ଚିହ୍ନଟ କରିବ ନାଜାଲ ସ୍ୱାବ୍ ଟେଷ୍ଟ

ଅଧିକ ଥଣ୍ଡା ପଡ଼ିଲେ କିମ୍ବା ଧୂଳି ଉଡ଼ିଲେ ଆଜ୍‌ମା ବୃଦ୍ଧି ପାଇଥାଏ । ଆଜ୍‌ମାରେ ଫୁସ୍‌ଫୁସ୍ ସ୍ୱାଭାବିକ ଭାବେ କାର୍ଯ୍ୟ କରିବା କ୍ଷମତା ହରାଇ ବସେ । ଆଲର୍ଜି ଅଥବା ଥଣ୍ଡା ଯୋଗୁଁ ଫୁସ୍‌ଫୁସ୍ କୋଷିକା ଫୁଲିଯାଏ । ଏଥିରେ ଥିବା ରକ୍ତବାହୀ ନଳୀରେ ଅମ୍ଳଜାନ ଡିଫ୍ୟୁଜନ ପ୍ରକ୍ରିୟାରେ ବାଧା ସୃଷ୍ଟିହୋଇ ଅମ୍ଳଜାନ କମିଯିବାରୁ ନିଃଶ୍ୱାସ ନେବାରେ ବାଧା ସୃଷ୍ଟି ହୁଏ । ରୋଗୀ ଧଇଁସଇଁ ହୋଇଥାନ୍ତି । ତେବେ ବୟସ୍କଙ୍କ ତୁଳନାରେ ଆଜ୍‌ମା ପୀଡ଼ିତ ଶିଶୁଙ୍କ ସ୍ଥିତି ଅଣାୟତ୍ତ ହୋଇଥାଏ । ତେଣୁ ପିଲାଙ୍କଠାରେ ଦେଖାଯାଉଥିବା ଆଜ୍‌ମାର ବିଭିନ୍ନ ପ୍ରକାରକୁ ସଠିକ୍ ଚିହ୍ନଟ ପାଇଁ ଆମେରିକୀୟ ଅନୁସନ୍ଧାନକାରୀଙ୍କ ଦ୍ୱାରା ଏବେ ନୂତନ ପଦ୍ଧତି ନାଜାଲ ସ୍ୱାବ୍ ବିକଶିତ କରାଯାଇଛି । ସାଧାରଣତଃ ଆଜ୍‌ମାର ପରୀକ୍ଷଣ ପଦ୍ଧତି ତୁଳନାରେ ଏହା ବେଶ୍ ପ୍ରଭାବୀ ରହିବ । ଜର୍ଣ୍ଣାଲ ଅଫ୍ ଆମେରିକା ମେଡିକାଲ ଆସୋସିଏସନ୍ (ଜାମା)ର ତଥ୍ୟ ଅନୁଯାୟୀ ଆଫ୍ରିକା ଏବଂ ଆମେରିକାରେ ଆଜ୍‌ମାରେ ଅନେକ ଯୁବବର୍ଗଙ୍କ ଜୀବନ ଯାଇଥାଏ । ପିଟ୍‌ସବର୍ଗ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ତଥା ବରିଷ୍ଠ ଲେଖକ ଜୁଆନ ସେଲିଡନଙ୍କ ଅନୁଯାୟୀ ଆଜ୍‌ମା ପିଲାଦିନେ ଦେଖାଯାଉଥିବା ଏକ ଥଣ୍ଡା ଜ୍ୱର ରୋଗ । କିନ୍ତୁ ଏହି ରୋଗକୁ ଭଲ କରିବାକୁ ହେଲେ ନିର୍ଦ୍ଦିଷ୍ଟ ସମୟରେ ରୋଗର ପ୍ରକାରଭେଦକୁ ସଠିକ ଭାବେ ଚିହ୍ନଟ କରିବା ଜରୁରି । ଏଥିପାଇଁ ଏହି ନାଜାଲ ସ୍ୱାବ୍ ଟେଷ୍ଟ ବିକଶିତ ହୋଇଛି । ସାଧାରଣତଃ ଆଜ୍‌ମା ବିଭିନ୍ନ ପ୍ରକାରରେ ବିଭକ୍ତ ଯଥା- ଟି୨ – ହାଇ, ଟି୧୭ - ହାଇ, ଲୋ- ଲୋ, ଏବଂ ଏଣ୍ଡୋଟାଇପ୍‌ରେ ବିଭକ୍ତ ।

ଏଣ୍ଡୋଟାଇପ୍‌ର ସଠିକ୍ ନିରାକରଣ ସାଧାରଣତଃ ବ୍ରୋଙ୍କୋସ୍କୋପି ଦ୍ୱାରା ଫୁସ୍‌ଫୁସ୍ ଟିସୁର ନମୁନା ନିଆଯାଇଥାଏ, ଏହି ପରୀକ୍ଷଣ ପାଇଁ ରୋଗୀଙ୍କୁ ଆନାସ୍ଥେସିଆ ଦେବାକୁ ପଡ଼େ । ପିଲାଙ୍କଠାରେ ଏହି ରୋଗ ଆଂଶିକ ଦେଖାଯାଉଥିଲେ ମଧ୍ୟ ଏହି ପରୀକ୍ଷଣ ଅନିବାର୍ଯ୍ୟ । କିନ୍ତୁ ନାଜାଲ ସ୍ୱାବ୍ ଟେଷ୍ଟରେ ଡାକ୍ତର ପିଲାଙ୍କ ନାକରୁ ନମୁନା ନେଇ ଏଥିରୁ ଆଜ୍‌ମାର ଟି୨- ହାଇ, ଟି୧୭ - ହାଇ କିମ୍ବା ଲୋ-ଲୋ ଅଛି କି ନାହିଁ ଜାଣିପାରିବେ । ଆଜ୍‌ମା ସ୍ଥିତି ଅନୁସାରେ ଚିକିତ୍ସା ସମ୍ଭବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ରଖିଛନ୍ତି । ତେଣୁ ଅନୁସନ୍ଧାନକାରୀମାନେ ୪୫୯ ଯୁବକଯୁବତୀଙ୍କ ନାକରୁ ନମୁନା ସଂଗ୍ରହ କରିଥିଲେ । ଏଥିରୁ ୨୩%ରୁ ୨୯ % ଟି୨ ହାଇ ଥିବାବେଳେ ୩୫ରୁ ୪୭ ପ୍ରତିଶତ ଟି ୧୭ -ହାଇ, ୩୦ ପ୍ରତିଶତରୁ ୩୮ % ଲୋ-ଲୋ ଏଣ୍ଡୋଟାଇପ୍ ଥିବା ଜଣାପଡ଼ିଲା । ଏହି ସାଧାରଣ ନାଜାଲ ସ୍ୱାବ୍ ଟେଷ୍ଟ ଦ୍ୱାରା ଅନ୍ୟ ପ୍ରକାର ଏଣ୍ଡୋଟାଇପ୍ ଚିହ୍ନଟ ହୋଇପାରିବ ।

ଏଚ୍‌ଏମ୍‌ପିଭି ଭୂତାଣୁ

ଶୀତଦିନେ ଭୂତାଣୁ ଜନିତ ପ୍ରଦାହ ଅଧିକ ବ୍ୟାପିଥାଏ । ଏବେ ସାରା ବିଶ୍ୱରେ ଏଚ୍‌ଏମ୍‌ପିଭି ଭୂତାଣୁ ଆତଙ୍କ ସୃଷ୍ଟି କରିଛି । ହ୍ୟୁମାନ ମେଟାନ୍ୟୁମୋ ଭୂତାଣୁ ଏକ ଆର୍‌ଏନ୍‌ଏ ଭୂତାଣୁ । ଚାଇନାରୁ ବ୍ୟାପିଥିବା ଏହି ଭୂତାଣୁ ଏବେ ଭାରତର ପ୍ରମୁଖ ସହର ବେଙ୍ଗାଲୁରୁ, ଅହମ୍ମଦାବାଦ ଓ କୋଲକାତାରେ ଚିହ୍ନଟ ହୋଇଛି । ଏହି ରୋଗର ଲକ୍ଷଣ କରୋନା ଲକ୍ଷଣ ସହ ପ୍ରାୟତଃ ସମାନ । ଯେହେତୁ ଏଚ୍‌ଏମ୍‌ପିଭି ଭୂତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଟିକା କି ଆଣ୍ଟି ଭାଇରାଲ ଔଷଧ ନାହିଁ, ତେଣୁ ସାବଧାନତା ତଥା ସଚେତନ ହେବା ଜରୁରି ।

୨୦୦୨ ମସିହାରେ ଡଚ୍ ବୈଜ୍ଞାନିକମାନେ ଏଚ୍‌ଏମ୍‌ପିଭିକୁ ପ୍ରଥମେ ଚିହ୍ନଟ କରିଥିଲେ । ଇନ୍‌ଫ୍ଲୁଏଞ୍ଜା ଭଳି ଏହା ଏକ ଡ୍ରପ୍‌ଲେଟ୍ ସଂକ୍ରମଣ । ଆକ୍ରାନ୍ତବ୍ୟକ୍ତିଙ୍କ କାଶ, ଛିଙ୍କ, ଲାଳ ଆଦି ଦ୍ୱାରା ଭୂତାଣୁ ଅନ୍ୟ ଜଣଙ୍କୁ ବ୍ୟାପିଥାଏ । ସଂକ୍ରମିତ ବ୍ୟକ୍ତିଙ୍କୁ ଛୁଇଁଲେ, ତାଙ୍କ ବ୍ୟବହୃତ ସାମଗ୍ରୀକୁ ବ୍ୟବହାର କଲେ କିମ୍ବା ତାଙ୍କ ସଂସ୍ପର୍ଶରେ ଆସିଲେ, ଏହି ରୋଗ ବ୍ୟାପିଥାଏ । ଭୂତାଣୁର ତୀବ୍ରତା ତିନିରୁ ଛଅଦିନ ରହେ ।

ଲକ୍ଷଣ: ସାଧାରଣତଃ ଶିଶୁମାନଙ୍କୁ ଏହା ଅଧିକ ଆକ୍ରାନ୍ତ କରିଥାଏ । ଆକ୍ରାନ୍ତ ଶିଶୁ ତଥା ବ୍ୟକ୍ତିଙ୍କଠାରେ ଜ୍ୱର, ଥଣ୍ଡା, ଛିଙ୍କ, ଧଇଁସଇଁ ହେବା, ମୁଣ୍ଡବିନ୍ଧା, ଛାତିବ୍ୟଥା, ଗଳା କୁଣ୍ଡାଇ ହେବା, ଶ୍ୱାସ ସମ୍ବନ୍ଧୀୟ ସମସ୍ୟା, ନିଃଶ୍ୱାସ ନେବାରେ କଷ୍ଟ, କଫ ହେବା ଆଦି ଲକ୍ଷଣ ଦେଖାଯାଏ । ବିଭିନ୍ନ ରୋଗରେ ପୀଡ଼ିତ ତଥା ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଭୂତାଣୁ ସଂକ୍ରମଣ ଗୁରୁତର ହୋଇ ନିମୋନିଆ ହୋଇଥାଏ । ଫୁସ୍‌ଫୁସ୍ ସଂକ୍ରମଣ ହୋଇ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଆଇସିୟୁରେ ଭର୍ତ୍ତି କରିବା ଜରୁରି ହେଉଥିବାରୁ ଏଥିପ୍ରତି ସଚେତନ ରହିବା ଜରୁରି ।

କେଉଁମାନଙ୍କୁ ଅଧିକ ବିପଦ: ୬୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦୁଇବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ଏହି ଭୂତାଣୁ ସଂକ୍ରମଣର ଭୟ ଅଧିକ ରହିଛି । ଦୁର୍ବଳ ରୋଗପ୍ରତିରୋଧଶକ୍ତି, ଗର୍ଭବତୀ, ସିଓପିଡି, କର୍କଟ, ଆଜ୍‌ମା , ହୃଦ୍‌ରୋଗୀ ତଥା ବିଭିନ୍ନ ରୋଗରେ ପୀଡ଼ିତ ଶୀଘ୍ର ସଂକ୍ରମିତ ହୋଇଥାନ୍ତି । ଏମାନଙ୍କ କ୍ଷେତ୍ରରେ ନିମୋନିଆ ସୃଷ୍ଟି ହୋଇଥାଏ । ଭୂତାଣୁ ସଂକ୍ରମିତ ହେଲେ, ଶ୍ୱାସନଳୀରେ ସମସ୍ୟା ଦେଖାଯାଇଥାଏ । ଯଦିଓ ଭାରତରେ ଏହି ମାମଲା ଦେଖିବାକୁ ମିଳୁଛି, ଏଥିପାଇଁ ଚିନ୍ତିତ ନ ହୋଇ ସାବଧାନତା ଅବଲମ୍ବନ ଜରୁରି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦିଅନ୍ତି ।

ଚିକିତ୍ସା ପଦ୍ଧତି: ଏଯାବତ୍ ଏହି ଭୂତାଣୁଜନିତ ରୋଗର ନିରାକରଣ ପାଇଁ କିଛି ଆଣ୍ଟି ଭାଇରାଲ ଔଷଧ ନାହିଁ । ଟିକା ମଧ୍ୟ ତିଆରି ହୋଇନାହିଁ । କେବଳ ନାକ ବନ୍ଦ ନ ହେବା ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଦିଆଯାଉଛି । ଥଣ୍ଡା, କାଶ, କଫ, ଛାତି ଦରଜ, ନିଃଶ୍ୱାସ ନେବାରେ ସମସ୍ୟା ହେଲେ ଏହି ଭୂତାଣୁ ପରୀକ୍ଷା କରାଇ ନେବା ଉଚିତ । ଲକ୍ଷଣ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିପାରିବେ । ଅନ୍ୟମାନଙ୍କ ସହ ମିଳାମିଶା ବନ୍ଦ କରିବା ଜରୁରି । ସେହିପରି ଛୋଟ ଛୁଆଙ୍କୁ ନିଃଶ୍ୱାସ ନେବାରେ ସମସ୍ୟା ହେଲେ, ତୁରନ୍ତ ହସ୍‌ପିଟାଲ ନେବା ଉଚିତ ।

କାଶିବା ବା ଛିଙ୍କିବା ସମୟରେ ମାସ୍କ ପିନ୍ଧିବା ଜରୁରି । ସାବୁନରେ ହାତକୁ ୨୦ ସେକେଣ୍ଡ ଧୋଇବା ଅଭ୍ୟାସ ରଖନ୍ତୁ । ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଥିଲେ, ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସାରେ ରହିବା ଉଚିତ ।

ସଂକ୍ରମଣ ଦୂର ପାଇଁ ଡାଏଟ୍: କମଳା, ଅଙ୍ଗୁର, ଟମାଟୋ, ଅଦା, ଭିଟାମିନ୍–ସି ଯୁକ୍ତ ଫଳ, ପାଳଙ୍ଗ, ବ୍ରୋକଲି ଆଦି ଫଳ ଓ ପରିବାରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହାକୁ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ପ୍ରଚୁର ମାତ୍ରାର ପାଣି ପିଇବା ଦ୍ୱାରା ନିଜକୁ ହାଇଡ୍ରେଡ ରଖିପାରିବେ । ଏହା ଫୁସ୍‌ଫୁସ୍ କାର୍ଯ୍ୟକ୍ଷମତାକୁ ସକ୍ରିୟ କରେ ।

ଯକୃତ୍ ପ୍ରତିରୋପଣ

ଯକୃତ୍ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ । ଶରୀର ପାଇଁ ଉପଯୋଗୀ ପ୍ରୋଟିନ୍ ପ୍ରସ୍ତୁତ କରିଥାଏ । ମନୁଷ୍ୟ ଶରୀରର ବିଷାକ୍ତ ପଦାର୍ଥକୁ ମଧ୍ୟ ବାହାର କରିଥାଏ । ସାଧାରଣତଃ ଅସ୍ୱାସ୍ଥ୍ୟକର ଜୀବନଶୈଳୀ, ଜଙ୍କଫୁଡ୍, ପ୍ରୋସେସ୍‌ଡ ଫୁଡ୍, ମଦ୍ୟପାନ, ଆନୁବଂଶିକ କାରଣରୁ ଯକୃତ୍ କାର୍ଯ୍ୟକ୍ଷମତା ଧିମା ହୋଇଯାଏ । ସମୟପୂର୍ବରୁ ଚିକିତ୍ସା ନ କଲେ, ଲିଭର ହେପାଟାଇଟିସ୍, ଫିବ୍ରୋସିସ୍, ସିରୋସିସ୍, ଯକୃତ୍ ଅଚଳ ଆଦି ସମସ୍ୟା ଦେଖାଯାଏ । ଆଉ ଯେତେବେଳେ ଯକୃତ୍ ଠିକ୍ ଭାବେ କାମ କରିନଥାଏ ବା ସମ୍ପୂର୍ଣ୍ଣ ଖରାପ ହୋଇଯାଇଥାଏ, ସେତେବେଳେ ଶରୀରର ଅନ୍ୟ ଅଙ୍ଗ ପ୍ରଭାବିତ ହୋଇଥାଏ । ଯକୃତ୍ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ କ୍ଷମତା ହରାଇଲେ ଲିଭର ଟ୍ରାନ୍ସପ୍ଲାଣ୍ଟ କରାଯାଇ ରୋଗୀଙ୍କୁ ନୂତନ ଜୀବନ ଦିଆଯାଏ । ଯଦିଓ ଏହା ବ୍ୟୟସାପେକ୍ଷ, କିନ୍ତୁ ଏହା ଜଣେ ବ୍ୟକ୍ତିଙ୍କୁ ନୂତନ ଜୀବନ ଦେବାରେ ସହାୟକ ହୋଇଥାଏ ।

ଯକୃତ୍ ପ୍ରତିରୋପଣ ଏକ ଜଟିଳ ପ୍ରକ୍ରିୟା । ତେଣୁ ଏହାକୁ କରାଇବା ପୂର୍ବରୁ ଯକୃତ୍ ରୋଗର ଜଟିଳତା, ପ୍ରତିରୋପଣ ପୂର୍ବରୁ ଉଭୟ ରୋଗୀ ଓ ଯକୃତ୍ ଦେଉଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଅବସ୍ଥା, ବ୍ଲଡଗ୍ରୁପ୍ ତନଖି କରିବାକୁ ପଡ଼ିଥାଏ । ଏହାବାଦ୍ ଯକୃତ୍ ପ୍ରତିରୋପଣ ପାଇଁ ଏକ ସୁସ୍ଥ ଯକୃତ ଉପଲବ୍ଧତା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ । କାରଣ ଖରାପ ହୋଇଥିବା ଯକୃତ୍ ସ୍ଥାନରେ ଏହାକୁ ଲଗାଯାଇଥାଏ ।

ତେଣୁ ଯକୃତ୍ ପ୍ରତିରୋପଣ ପରେ ବି ଜଣେ ବ୍ୟକ୍ତିଙ୍କୁ ପୂର୍ବାବସ୍ଥାକୁ ଫେରିବାକୁ ସମୟ ଲାଗୁଥିବାରୁ ଏଥିପ୍ରତି ଯତ୍ନଶୀଳ ହେବା ଜରୁରି । ଦୈନିକ ଔଷଧ ସେବନ ସହିତ ଖାଦ୍ୟପେୟ ଓ ଜୀବନଶୈଳୀରେ ପରିବର୍ତ୍ତନ କରିବା ଆବଶ୍ୟକ ଥାଏ । ଏହା ସହିତ ନିୟମିତ ବ୍ୟବଧାନରେ ଡାକ୍ତରୀ ପରୀକ୍ଷା ନିତାନ୍ତ ଆବଶ୍ୟକ । ସଂକ୍ରମଣଠାରୁ ଦୂରେଇ ରହିବା, ମାସ୍କ ପିନ୍ଧିବା, ଲୋକଙ୍କ ସହ ମିଳାମିଶା କମ୍ କରିବା, ଧୂଳିରେ ସମୟ ନ ବିତାଇବା, ସନ୍ତୁଳିତ ଭୋଜନ ଆଦିକୁ ଗୁରୁତ୍ୱ ଦେବା ଉଚିତ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯକୃତ୍ ପ୍ରତିରୋପଣ ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁସାରେ ସୁସ୍ଥ ହୋଇଥାନ୍ତି । ତେଣୁ ଡାକ୍ତରଙ୍କ ବିନା ପରାମର୍ଶରେ ଯେକୌଣସି ଔଷଧ ସେବନ ଅନୁଚିତ । ଯକୃତ୍ ପ୍ରତିରୋପଣର ପ୍ରାୟ ୬ ମାସ ଯାଏଁ ସାବଧାନ ହୋଇ ଚଳିବା ଦରକାର । ସେହିପରି ସଠିକ୍ ଔଷଧ, ଡାକ୍ତରୀ ପରୀକ୍ଷା ସହିତ କିଛି ମାସ ମଧ୍ୟରେ ରୋଗୀ ପୂର୍ବଭଳି ଜୀବନ ଅତିବାହିତ କରିଥାନ୍ତି ।

ମଧୁମେହ ନିୟନ୍ତ୍ରଣରେ 'ଟିର୍‌ଜେପେଟାଇଡ୍'

ଆଜିର ସମୟରେ ମଧୁମେହ ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି । ମଧୁମେହରେ ରକ୍ତଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼େ । ଏହି ରୋଗରେ ପୀଡ଼ିତଙ୍କୁ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ପଡ଼େ । ଅଧିକାଂଶ ଲୋକଙ୍କ ପାଇଁ ଦୈନନ୍ଦିନ ଔଷଧ ସେବନ ଜରୁରି ହୋଇଥାଏ । ତେବେ ଭାରତରେ ମଧୁମେହ ମାମଲା ହ୍ରାସ ପାଇଁ ଏକ ଔଷଧ ବରଦାନ ସଦୃଶ ହୋଇପାରେ । ମଧୁମେହରେ ରକ୍ତଶର୍କରା ନିୟନ୍ତ୍ରଣରେ ରଖିବାକୁ ବହୁତ ପ୍ରଭାବୀ କୁହାଯାଉଥିବା ଔଷଧର ନାଁ ହେଉଛି ଟିର୍‌ଜେପେଟାଇଡ୍ । ଏହି ଔଷଧଟି ରକ୍ତ ଶର୍କରା ନିୟନ୍ତ୍ରଣ ସହ ମୋଟାପା ହ୍ରାସ କରିବାରେ ସହାୟକ ହେବ । ଏହା ଟାଇପ୍-୨ ମଧୁମେହ ପୀଡ଼ିତଙ୍କ ପାଇଁ ରାମବାଣ ଭଳି । ମଧୁମେହ ରୋଗୀଙ୍କ କ୍ଷେତ୍ରରେ ମୋଟାପା ଏକ ସାଧାରଣ ସମସ୍ୟା । ଏହି ଔଷଧ ମଧୁମେହ ଲକ୍ଷଣ ସୁଧାରିବା ସହ ମେଟାବଲିଜିମ୍ ବୁଷ୍ଟ କରିବାରେ ସାହାଯ୍ୟ କରିପାରେ । ଏହି ଔଷଧକୁ ଏବେ ମଞ୍ଜୁରୀ

ମିଳିଥିବାବେଳେ ଏହା ଖୁବ୍‌ଶୀଘ୍ର ଭାରତରେ ଉପଲବ୍ଧ ହେବ । ତେବେ ଔଷଧର ମୂଲ୍ୟକୁ ନେଇ କୌଣସି ସୂଚନା ନାହିଁ । ଅନ୍ୟପଟେ ଏହି ଔଷଧର ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ରହିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଔଷଧ ସେବନରୁ ବାନ୍ତି, ଝାଡ଼ା, କୋଷ୍ଠକାଠିନ୍ୟ ଆଦି ସମସ୍ୟା ଦେଖାଯାଏ । ତେଣୁ ଡାକ୍ତରଙ୍କ ପରାମର୍ଶ ତଥା ଶାରୀରିକ ସ୍ଥିତି ଅନୁସାରେ ଏହି ଔଷଧ ସେବନ କରିବା ଉଚିତ ।

ଆୟୁର୍ବେଦରେ ଉଚ୍ଚ ରକ୍ତଚାପର ଉପଚାର

ଅନିୟମିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟପେୟ ଯଥା- ଅତିଭୋଜନ, ହୀନଭୋଜନ ଏବଂ ଅସମୟ ଭୋଜନ ସଙ୍ଗେ ସଙ୍ଗେ ନିମ୍ନମାନର ଅଳ୍ପ ମିଶ୍ରିତ ସାମଗ୍ରୀରୁ ପ୍ରସ୍ତୁତ ଖାଦ୍ୟ, ଅତ୍ୟଧିକ ଲୁଣ ସେବନ, ଦୁଶ୍ଚିନ୍ତା, ମାନସିକ ଚାପ ସମସ୍ୟା ଆଦି କାରଣରୁ ମନ ପ୍ରସନ୍ନ ରହିପାରେ ନାହିଁ । ମନର ପ୍ରଭାବ ଶରୀର ଉପରେ ଯଥେଷ୍ଟ ଥିବାରୁ ବୟସାଧିକ କାରଣରୁ ଅଧିକାଂଶ ବ୍ୟକ୍ତିଙ୍କଠାରେ ମଧୁମେହ, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଦି ସମସ୍ୟା ଦେଖିବାକୁ ମିଳୁଛି । ଏହି ସମସ୍ୟା ଏବେ ବୈଶ୍ୱିକ ସ୍ତରରେ ଚିନ୍ତା ସୃଷ୍ଟି କରିଛି । ତେବେ ଉଚ୍ଚ ରକ୍ତଚାପର ପ୍ରଭାବରୁ ଅଧିକାଂଶ ଲୋକଙ୍କୁ ପକ୍ଷାଘାତ, ମସ୍ତିଷ୍କରେ ରକ୍ତକ୍ଷରଣ ଇତ୍ୟାଦି ଭୟଙ୍କର ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଥାଏ । ତେଣୁ ନିଜର ମଧୁମେହ, ରକ୍ତଚାପ ପରୀକ୍ଷା କରିବା ସହିତ ଚିକିତ୍ସକଙ୍କ ପରାମର୍ଶରେ ଆବଶ୍ୟକୀୟ ଔଷଧପତ୍ର ଖାଇବା ଉଚିତ ।

- ଉଚ୍ଚରକ୍ତଚାପରେ ପୀଡ଼ିତ ବ୍ୟକ୍ତି ସର୍ପଗନ୍ଧା, ଗୁଡୁଚି ଓ ଭୂଇଁଅଁଳାର ମିଳିତ ୧୦ ଗ୍ରାମ୍ ଲେଖାଏଁ ନେଇ ୨୦୦ ମିଲି ପାଣିରେ ସିଝାଇ ଅବଶେଷ ୫୦ ମିଲି ରଖି କ୍ୱାଥ କରି ୫୦ ମିଲି ପାନ କଲେ, ଉପଶମ ମିଳେ । ସକାଳେ ଖାଲି ପେଟରେ ଉଷୁମପାଣିରେ ଫାଳେ ଲେମ୍ବୁ ଚିପୁଡ଼ି ପାନ କଲେ ରକ୍ତଚାପ ସନ୍ତୁଳିତ କରିଥାଏ ।
- ଚିକିତ୍ସକଙ୍କ ପରାମର୍ଶରେ ସର୍ପଗନ୍ଧା ଘନବଟି, ମୁକ୍ତାପିଷ୍ଟି, ଅମୃତାଘନସତ୍ୱ ଆଦି ସେବନ ହିତକର ହୋଇଥାଏ ।
- ରାତିରେ ରସୁଣକୁ ପାଣିରେ ଭିଜାଇ ସକାଳୁ ଦୁଇ/ତିନି କୋଲା ଖାଇବା ଦ୍ୱାରା ଉପକାର ହୁଏ । ସେହିପରି ତ୍ରିଫଳା, ଲେମ୍ବୁପାଣି, ପୁନର୍ନବା ରସ, କାକମାଚି, ଜିରା ଆଦିର ବ୍ୟବହାର ରକ୍ତଚାପକୁ ମଧ୍ୟ ସନ୍ତୁଳିତ କରିବାରେ ସହାୟତା କରେ । ଚିକିତ୍ସକଙ୍କ ପରାମର୍ଶକ୍ରମେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ରୁଦ୍ରାକ୍ଷର ଉପଯୋଗ ମଧ୍ୟ କରାଯାଇପାରେ ।
- ଖାଦ୍ୟରେ ଲବଣ ଜାତୀୟ ଦ୍ରବ୍ୟକୁ କମାଇବା ଆବଶ୍ୟକ । ଅମ୍ଳ, ଲବଣ, କାଟୁରସଯୁକ୍ତ ଖାଦ୍ୟ ସର୍ବଦା କମ୍ ବ୍ୟବହାର କରିବା ଉଚିତ । ମନକୁ ପ୍ରସନ୍ନ ରଖିବା ପାଇଁ ସଙ୍ଗୀତ ଶୁଣିବା, ଯୋଗ ଶିକ୍ଷକଙ୍କ ସହାୟତା ପ୍ରାଣାୟାମ ଆଦି କରିବା, ସ୍ୱାଧ୍ୟାୟ ଆଦି କରିବା କରିବା ଦ୍ୱାରା ମନ ଖୁସି ହୋଇ ରକ୍ତଚାପ ସନ୍ତୁଳିତ ରହିଥାଏ ।

ହୋମିଓପାଥିରେ କମିବ ଟନ୍‌ସିଲ୍

ଅନ୍ୟ ଋତୁ ତୁଳନାରେ ଶୀତଦିନେ ସ୍ୱାସ୍ଥ୍ୟର ଅଧିକ ଯତ୍ନ ନେବାକୁ ହୋଇଥାଏ । କାରଣ ଥଣ୍ଡା ବାୟୁ ଶରୀରରେ ବାଜି ବିଭିନ୍ନ ରୋଗ ସୃଷ୍ଟି କରିଥାଏ । ଜ୍ୱର, କାଶ ସହ ଶୀତଦିନେ ଅଧିକ ଟନ୍‌ସିଲ୍ ସମସ୍ୟା ଦେଖାଯାଏ । ଟନ୍‌ସିଲ୍ ର ଉପଯୁକ୍ତ ଚିକିତ୍ସା ନ କରିଲେ, ଗଳାଦରଜ, କାନମୂଳ ଦରଜ ଏବଂ ନିଃଶ୍ୱାସ ନେବାରେ କଷ୍ଟ ଆଦି ଅନୁଭୂତ ହୋଇଥାଏ । ଏହାର ହୋମିଓପାଥି ଚିକିତ୍ସା ବିଷୟରେ ଜାଣନ୍ତୁ ।

- ଟନ୍‌ସିଲ ରୋଗାକ୍ରାନ୍ତ ପିଲା କିମ୍ବା ବୟସ୍କମାନେ ଔଷଧ ଖାଇବା ସହିତ ବିଭିନ୍ନ ଉପଚାରକୁ ଆପଣାଇଥାନ୍ତି । ତନ୍ମଧ୍ୟରୁ ଉଷୁମ ଲୁଣ ପାଣିରେ କୁଳି, କୌଣସି ଆଣ୍ଟି ସେପ୍‌ଟିକ୍ କୁଳି କରିବା, ଥଣ୍ଡା ପାନୀୟ କିମ୍ବା ଖାଦ୍ୟ ଠୁ ଦୂରେଇ ରହିବା, ଥଣ୍ଡାପବନରୁ ଶରୀରକୁ ଦୂରେଇ ରଖିବା ଦ୍ୱାରା ଏହି ରୋଗର ଉପଶମ ମିଳିଥାଏ । ବେଳେବେଳେ ଔଷଧ ସେବନ ସହ ଉପଚାର ସତ୍ତ୍ୱେ ଏଥିରୁ ନିସ୍ତାର ନ ମିଳିଲେ ଶଲ୍ୟ ଚିକିତ୍ସାର ଆବଶ୍ୟକତା ପଡ଼େ । କିନ୍ତୁ ଶଲ୍ୟ ଚିକିତ୍ସାଠୁ ଦୂରେଇ ବା ପାଇଁ ହୋମିଓପାଥିକ୍ ଚିକିତ୍ସା କରାଯାଇପାରେ । ଏହାକୁ ଦୀର୍ଘ ଦିନ ସେବନ କଲେ tonsilectomy ଭଳି ଏକ ଜଟିଳ ଅସ୍ତ୍ରୋପଚାରଠୁ ଦୂରେଇ ପାରିବା ।
- ଅନେକ ହୋମିଓପାଥିକ୍ ଔଷଧ ଅଛି , ଯାହାକୁ ଚିକିତ୍ସକଙ୍କର ଉଚିତ ପରାମର୍ଶ ରେ ସେବନ କଲେ ନିଶ୍ଚୟ ଫଳପ୍ରଦ ହେବ ।
- ବାରାଇଟା କାର୍ବ , ସୋରିନମ୍, ବେଲାଡୋନା, ହିପର ସଲ୍ଫ , ମାର୍କସଲ , ମାର୍କ ବିନ ଆଓଡ, ଆଗ୍ରାଫିସ, କେଲକେରିଆ କାର୍ବ ଇତ୍ୟାଦି ଔଷଧକୁ ରୋଗୀର ବୟସ , ଓଜନ, ବୟସ ଓ ପରିସ୍ଥିତିକୁ ଦେଖି ଡାକ୍ତର ଔଷଧର ମାତ୍ରା ନିର୍ଦ୍ଧାରଣ କରିଥାନ୍ତି ।

ରୋଗ ବାହକ କଳା ପ୍ଲାଷ୍ଟିକ୍ ଡବା

ସମ୍ପ୍ରତି ବହୁଲୋକ ଅନ୍‌ଲାଇନ୍ ଖାଦ୍ୟ ଅର୍ଡର ଦେଇ ଖାଇବାକୁ ଗୁରୁତ୍ୱ ଦେଉଛନ୍ତି । ବାହାରୁ ମଗାଉଥିବା ଖାଦ୍ୟ ପ୍ରାୟତଃ କଳା ରଙ୍ଗର ପ୍ଲାଷ୍ଟିକ୍ କଣ୍ଟେନର ତଥା ଡବାରେ ପ୍ୟାକ୍ ହୋଇ ଆସିଥାଏ । ଯଦିଓ ଏହାକୁ ଥରେ ବ୍ୟବହାର ପରେ ଫିଙ୍ଗିଦେବା ଉଚିତ, କିନ୍ତୁ ଏମିତି ଅନେକ ଅଛନ୍ତି, ଯେଉଁମାନେ କଳା ପ୍ଲାଷ୍ଟିକ୍ ଡବାକୁ ସାଇତି ବାରମ୍ବାର ଏଥିରେ ଗରମ ଖାଦ୍ୟକୁ ରଖନ୍ତି । ମାଇକ୍ରୋୱେଭ୍‌ରେ ଖାଦ୍ୟ ଗରମ କରିବା ବେଳେ ଏହି କଳା ପ୍ଲାଷ୍ଟିକ୍ ଡବା ବ୍ୟବହାର ଦ୍ୱାରା କର୍କଟ ପରି ଗମ୍ଭୀର ରୋଗ ହେବାର ଆଶଙ୍କା ରହିଛି ।

ଶରୀରର କୋଷଗୁଡ଼ିକର ଅନିୟନ୍ତ୍ରିତ ଅଭିବୃଦ୍ଧିକୁ କ୍ୟାନ୍ସର ବା କର୍କଟ କୁହାଯାଏ । ଧୂମପାନ, ମଦ୍ୟପାନ, ତମାଖୁ ସେବନ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ଅସୁରକ୍ଷିତ ଯୌନ ସମ୍ପର୍କ, ମେଦବହୁଳତା, ବଂଶଗତ ଆଦି କର୍କଟ ରୋଗ ବୃଦ୍ଧିର କାରଣ ହୋଇଥିଲେ ହେଁ ଏବେ କଳା ପ୍ଲାଷ୍ଟିକ୍ ଡବାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା କର୍କଟ ପରି ଗମ୍ଭୀର ରୋଗକୁ ଆମନ୍ତ୍ରିତ କରିପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । କିମୋସ୍ଫିୟର ନାମକ ବିଜ୍ଞାନ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରେ ୨୦୩ ଟି କଳା ପ୍ଲାଷ୍ଟିକ୍ ଉତ୍ପାଦକୁ ବିଶ୍ଳେଷଣ କରାଯାଇଥିଲା । ଏଥିରୁ ୮୫ ପ୍ରତିଶତ ଉତ୍ପାଦରେ ଟକ୍ସିକ ଫ୍ଲେମ୍ ତଥା ବିଷାକ୍ତ ଧୂଆଁ ମିଳିଥିଲା । ବିଡ଼ିଆର ଫାର୍ମାସ୍ୟୁଟିକାଲ୍ସ ଟେକନିକ୍‌ର ନିର୍ଦ୍ଦେଶକ ଡା. ଅରବିନ୍ଦ ବେଡିଗରଙ୍କ କହିବାନୁସାରେ, କଳା ପ୍ଲାଷ୍ଟିକ୍ ବାସନ ତଥା ଡବାରୁ ବିଷାକ୍ତ ଅଗ୍ନିରୋଧ ପଦାର୍ଥ ଖାଦ୍ୟ ମାଧ୍ୟମରେ ପେଟ ମଧ୍ୟକୁ ଚାଲିଯାଏ । ଏହା ଶରୀର ଉପରେ ବିଷାକ୍ତ ପ୍ରତିକ୍ରିୟା ସୃଷ୍ଟି କରିବା ସହ କର୍କଟ ପରି ରୋଗକୁ ଆମନ୍ତ୍ରିତ କରିପାରେ । ସେତିକି ନୁହେଁ, କଳା ରଙ୍ଗର ପ୍ଲାଷ୍ଟିକକୁ ପ୍ଲାଷ୍ଟିକ୍ ରେଜିନ୍‌ରେ କାର୍ବନ ବ୍ଲାକ୍ ପିଗ୍‌ମେଣ୍ଟକୁ ମିଶାଇ ତିଆରି କରାଯାଏ । ଏହି ପିଗ୍‌ମେଣ୍ଟ କଳା ରଙ୍ଗ ହେବାକୁ ସହାୟକ ହୋଇଥାଏ । ଗବେଷଣା ଅନୁଯାୟୀ କାର୍ବନ ବ୍ଲାକ୍ ପିଗମେଣ୍ଟ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ । ସେହିପରି ଇଣ୍ଟରନ୍ୟାସନାଲ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନସର ଅନୁଯାୟୀ ଏହା କର୍କଟ ବୃଦ୍ଧି ଆଶଙ୍କାକୁ ବଢ଼ାଇପାରେ । କେବଳ ସେତିକି ନୁହେଁ, ଶ୍ୱସନସମ୍ବନ୍ଧୀୟ ସମସ୍ୟାର କାରଣ ମଧ୍ୟ ସାଜିପାରେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କଳା ପ୍ଲାଷ୍ଟିକ୍ ଡବାରେ ଗରମ ଖାଦ୍ୟ ରଖିବା ଦ୍ୱାରା "ଏଣ୍ଡୋକ୍ରେନ ଡିସ୍ରପ୍ଟିଂ" ନାମକ ବିଷାକ୍ତ ସୃଷ୍ଟି ହେଉଥିବାରୁ ଏହା ହର୍ମୋନକୁ ଅସନ୍ତୁଳିତ କରିଥାଏ । ଫଳରେ ହର୍ମୋନ୍ କାମ କରିବା ବନ୍ଦ କରିଥାଏ । ତେଣୁ ଏପରି କଳା ପ୍ଲାଷ୍ଟିକ୍ ଡବା ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ ଜରୁରି ।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୧ ନଭେମ୍ବର ୨୦୨୬

ବକୱାସ ନୋବେଲ !

ଆଜି ଯଦି ଫ୍ରାଙ୍କଫର୍ଟ ଜୀବିତ ଥାନ୍ତେ, ସେ ନିଶ୍ଚିତ ରୂପେ ଏକମତ ହୁଅନ୍ତେ ଯେ ଯଦି ବକୱାସ ପାଇଁ ଏକ ନୋବେଲ ପ୍ରାଇଜ ପ୍ରଦାନ କରାଯାଉଥାନ୍ତା, ଏବଂ ଏଥିପାଇଁ ଯୋଗ୍ୟତମ ପ୍ରାର୍ଥୀ ଚୟନ କରିବା ଦାୟିତ୍ୱ ତାଙ୍କୁ ଅର୍ପଣ କରାଯାଆନ୍ତା, ତେବେ ସେ ନିଶ୍ଚିତ ରୂପେ ତତ୍କ୍ଷଣାତ ଏଇ ତ୍ରିବିଧ ମାନଦଣ୍ଡ ସହିତ ଶତପ୍ରତିଶତ ଖାପ ଖାଉଥିବା ଯାହାଙ୍କ ନାମ ସେ ପ୍ରାଇଜ ପାଇଁ ସୁପାରିସ କରନ୍ତେ, ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ତାଙ୍କ ନିଜ ଦେଶ ଆମେରିକାର ବର୍ତମାନର ରାଷ୍ଟ୍ରପତି- ଡୋନାଲ୍ଡ ଟ୍ରମ୍ପ। 'ସତ୍ୟମେବ ଜୟତେ।' ମୁଣ୍ଡକ ଉପନିଷଦରେ ସତ୍ୟର ଶେଷରେ ସର୍ବଦା ବିଜୟ ଘଟିଥାଏ ବୋଲି କରାଯାଇଥିବା ଏଇ ଘୋଷଣାରେ ପ୍ରାଚୀନ କାଳରୁ ଭାରତରେ ସତ୍ୟକୁ ସଭ୍ୟତାର ମୂଳଭିତ୍ତି ରୂପେ ଯେଉଁ ମର୍ଯ୍ୟାଦା ପ୍ରଦାନ କରାହୋଇ ଆସିଛି, ବିଂଶ-ଏକବିଂଶ ଶତାବ୍ଦୀର ପ୍ରଖ୍ୟାତ ଆମେରିକୀୟ ଦାର୍ଶନିକ ସ୍ୱର୍ଗୀୟ ହ୍ୟାରୀ ଫ୍ରାଙ୍କଫର୍ଟ ତାହାକୁ ଆଗେଇ ନେବା ଭଳି ସତ୍ୟ ପ୍ରତି ସମ୍ମାନର ଯେଉଁ ମୌଳିକ ବିଶ୍ଳେଷଣ କରିଥିଲେ, ତାହା ଦର୍ଶନଶାସ୍ତ୍ରକୁ ତାଙ୍କର ସର୍ବାଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଅବଦାନ ରୂପେ ବିବେଚିତ ହୋଇଥାଏ। ତାଙ୍କର ଯେଉଁ ରଚନା ଫ୍ରାଙ୍କଫର୍ଟଙ୍କୁ ଆନ୍ତର୍ଜାତିକ ପ୍ରସିଦ୍ଧି ଆଣିଦେଇଥିବା ତାଙ୍କର ଏଇ ବିଶ୍ଳେଷଣ ବହନ କରିଥାଏ, ତାହା ହେଉଛି ୧୯୮୬ରେ ପ୍ରକାଶିତ ତାଙ୍କର ଏକ ନିବନ୍ଧ, ଯାହାର କୌତୂହଳ ସୃଷ୍ଟିକାରୀ ଶୀର୍ଷକ ଥିଲା: 'ଅନ୍ ବୁଲ୍‌ସିଟ୍' ('ବକୱାସ ସମ୍ବନ୍ଧରେ')। ଏଇ ରଚନା ମାଧ୍ୟମରେ ଫ୍ରାଙ୍କଫର୍ଟ ଯେଉଁ ବୈପ୍ଳବିକ ଚିନ୍ତାଧାରା ଉପସ୍ଥାପନ କରି ସମସ୍ତଙ୍କୁ ହତଭମ୍ଭ କରିଦେଇଥିଲେ, ତାହା ହେଲା: ମିଥ୍ୟାବାଦୀମାନେ ସତ୍ୟକୁ ସମ୍ମାନ କରିଥାନ୍ତି; ଯେଉଁମାନେ ପ୍ରକୃତରେ ସତ୍ୟକୁ ଅସମ୍ମାନ କରିଥାନ୍ତି, ସେମାନେ ହେଉଛନ୍ତି- ବକୱାସକାରୀ ବା 'ବୁଲ୍‌ସିଟରସ'। ତାଙ୍କର ଏଇ ଉଦ୍ଭଟ ମନେ ହେଉଥିବା ମନ୍ତବ୍ୟକୁ ପ୍ରମାଣିତ କରିବାକୁ ଯାଇ ଫ୍ରାଙ୍କଫର୍ଟ ବୁଝାଇଛନ୍ତି ଯେ ଉଭୟ ସତ୍ୟବାଦୀ ଓ ମିଥ୍ୟାବାଦୀ ସତ୍ୟକୁ ସମ୍ମାନ ପ୍ରଦର୍ଶନ କରିଥାନ୍ତି, କିନ୍ତୁ ସେମାନଙ୍କର ପ୍ରଦର୍ଶନ ଶୈଳୀ ପରସ୍ପରର ବିପରୀତ ହୋଇଥାଏ। ସତ୍ୟବାଦୀ ସତ୍ୟକୁ ପ୍ରକାଶ କରିବା ଦ୍ୱାରା ତା'ର ସମ୍ମାନ ପ୍ରଦର୍ଶନ କରିଥିବାବେଳେ ମିଥ୍ୟାବାଦୀ ସତ୍ୟ ପ୍ରତି ତା'ର ସମ୍ମାନ ପ୍ରଦର୍ଶନ କରିଥାଏ ତାକୁ ଗୋପନ ରଖି। ଉଭୟ ସତ୍ୟବାଦୀ ଓ ମିଥ୍ୟାବାଦୀ ସତ୍ୟକୁ ସମାନ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ମିଥ୍ୟାବାଦୀ ଜଣକ ଯଦି ସତ୍ୟକୁ ଗୁରୁତ୍ୱ ଦେଉ ନଥାନ୍ତା, ସେ ତାକୁ ଲୁଚାଇବା ପାଇଁ କଷ୍ଟ କରନ୍ତା ନାହିଁ। ଏମାନଙ୍କଠାରୁ କିନ୍ତୁ ସଂପୂର୍ଣ୍ଣ ଭିନ୍ନ ହେଉଛି- ବକୱାସକାରୀ ବା 'ବୁଲ୍‌ସିଟର', ଯିଏ ସତ୍ୟକୁ ଆଦୌ ଖାତିର କରି ନ ଥାଏ, ସତ୍ୟ ପ୍ରତି ସଂପୂର୍ଣ୍ଣ ରୂପେ ଉଦାସୀନ ହୋଇଥାଏ। ଏକ ମିଥ୍ୟାବାଦୀ ତଥ୍ୟକୁ ନିଜର ଇଚ୍ଛା ଅନୁସାରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥାଏ; ତା'ର ଉଦ୍ଦେଶ୍ୟ- ଆମେ ଏକ ମିଛ କଥାକୁ ବିଶ୍ୱାସ କରୁ। ସେ ତେଣୁ ସତ କଥାକୁ ଘୋଡ଼ାଇ ରଖିବାକୁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥାଏ। ଏକ ବକୱାସକାରୀ କିନ୍ତୁ ଆମର ଧ୍ୟାନ, ଧାରଣା ଓ ପ୍ରତ୍ୟାଶାକୁ ନିୟନ୍ତ୍ରଣ କରି ନିଜର ଉଦ୍ଦେଶ୍ୟ ସାଧନ କରିବାକୁ ମନଗଢ଼ା କଥା କହିଥାଏ; ସତ୍ୟ ସହିତ ଏହାର କୌଣସି ସଂପର୍କ ଥାଉ କି ନ ଥାଉ, ସେ ନେଇ ତା'ର କିଛି ଯାଏ ଆସେ ନ ଥାଏ। ବକୱାସକାରୀର ଦୁନିଆରେ ସତ ମିଛ ମଧ୍ୟରେ କୌଣସି ଫରକ ନ ଥାଏ; ସେ ମିଥ୍ୟାବାଦୀ ଠାରେ ରହିଥିବା ଗୋପନ ଅପରାଧବୋଧରୁ ସଂପୂର୍ଣ୍ଣ ମୁକ୍ତ ଥାଏ। ମୁଣ୍ଡକ ଉପନିଷଦକୁ ଅନୁସରଣ କଲାଭଳି ସତ୍ୟକୁ ସଭ୍ୟତାର ମୂଳଭିତ୍ତି ରୂପେ ବିଚାର କରୁଥିବା ହ୍ୟାରୀ ଫ୍ରାଙ୍କଫର୍ଟ ତେଣୁ ଏଇ ସତ୍ୟ-ଉଦାସୀନ ବକୱାସକାରୀମାନଙ୍କୁ ସଭ୍ୟତାର ଅସଲ ଶତ୍ରୁ ରୂପେ ବିଚାର କରୁଥିଲେ। ତାଙ୍କ ବିଚାରରେ ଏକ ମିଥ୍ୟାବାଦୀ ମିଛ କହୁଥିଲେ ହେଁ ସତ୍ୟର ଅସ୍ତିତ୍ୱକୁ ନିଭୃତରେ ସ୍ୱୀକାର କରିଥାଏ, ନିଜର ସୁବିଧା ପାଇଁ ଯାହାକୁ ସେ ଲୁଚାଇଥାଏ; ସେ ଚାହେଁନା ସେ ଜାଣିଥିବା ସତ୍ୟକୁ ଅନ୍ୟମାନେ ମଧ୍ୟ ଜାଣନ୍ତୁ। ବକୱାସକାରୀ କିନ୍ତୁ ସତ୍ୟର ଅସ୍ତିତ୍ୱକୁ ହିଁ ଆଦେ ? ସ୍ୱୀକାର କରି ନ ଥାଏ। ଯେଉଁ ରାଜନେତାମାନେ ବକୱାସ କରିଥାନ୍ତି, ସେମାନେ ଏପରି କଥା କହିଥାନ୍ତି, ଯାହାର ବାସ୍ତବତା ସହିତ ସଂପର୍କ ଥାଉ କି ନ ଥାଉ, ଯାହା କିନ୍ତୁ ପ୍ରଭାବଶାଳୀ, ଉପଯୋଗୀ ଓ ରାଜନୈତିକ ଦୃଷ୍ଟିରୁ ସୁବିଧାଜନକ ହୋଇଥାଏ। ଏମାନେ କରୁଥିବା ଗୋଟିଏ ଦାବି ଯଦି ମିଥ୍ୟା ସାବ୍ୟସ୍ତ ହୁଏ, ତୁରନ୍ତ ଆଉ ଏକ ଦାବି ତା'ର ସ୍ଥାନ ଦଖଲ କରିଥାଏ; ଯଦି ଦିଆଯାଇଥିବା ଗୋଟିଏ ପ୍ରତିଶ୍ରୁତି ପୂରଣ ନ ହୁଏ, ଅବିଳମ୍ବେ ବିଷୟବସ୍ତୁକୁ ବଦଳାଇ ଦିଆଯାଏ; ଯଦି ପରିସଂଖ୍ୟାନରେ ପ୍ରଶ୍ନଚିହ୍ନ ଲଗାଯାଏ, ତାହାକୁ ଲିଭାଇ ଦେବା ପାଇଁ ଆଉ ଏକ ଅଧିକ ଚମକପ୍ରଦ କାହାଣୀର ଆବିର୍ଭାବ ଘଟେ। ଫ୍ରାଙ୍କଫର୍ଟଙ୍କ ମାନଦଣ୍ଡ ଅନୁସାରେ କୌଣସି ଏକ ବକ୍ତବ୍ୟ ବକୱାସ ରୂପେ ପରିଗଣିତ ହେବା ପାଇଁ ନିମ୍ନୋକ୍ତ ତ୍ରିବିଧ ଚରିତ୍ରର ଅଧିକାରୀ ହୋଇଥିବା ଆବଶ୍ୟକ। ପ୍ରଥମ- ଦମ୍ଭୋକ୍ତି। ବକ୍ତା ଜଣକ ତାଙ୍କର ବକ୍ତବ୍ୟକୁ ଏପରି ଜୋର ଦେଇ ଉପସ୍ଥାପନ କରିଥାନ୍ତି, ଯାହା ସଂପୂର୍ଣ୍ଣ ସତ୍ୟ ଉପରେ ଆଧାରିତ ହୋଇଥିବା ଭଳି ମନେ ହୋଇଥାଏ ଏବଂ ଶ୍ରୋତାମାନଙ୍କ ଠାରେ ସଂପୂର୍ଣ୍ଣ ବିଶ୍ୱାସ ଜନ୍ମାଇଥାଏ। ଦ୍ୱିତୀୟ- ସତ୍ୟ ପ୍ରତି ସଂପୂର୍ଣ୍ଣ ଉଦାସୀନତା। ବକ୍ତା ନିଜର ଦାବିର ସତ୍ୟତା ନେଇ ଆଦୌ ଚିନ୍ତିତ ନଥାନ୍ତି; ତାଙ୍କର ଅସଲ ଉଦ୍ଦେଶ୍ୟ ହେଉଛି- ପ୍ରଭାବିତ କରିବା, ଉଚ୍ଚାଟିତ କରିବା, ନିଜର ଅଭୀଷ୍ଟ ହାସଲ କରିବା। ତୃତୀୟ- ନିଜର ଏଇ ସତ୍ୟ-ଉଦାସୀନତାକୁ ଯତ୍ନର ସହିତ ଲୋକଚକ୍ଷୁରୁ ଲୁଚାଇ ରଖିବା। ସେ ନିଜର ବକ୍ତବ୍ୟକୁ ଏପରି ଉପସ୍ଥାପିତ କରିଥାନ୍ତି ଯାହା ଶ୍ରୋତାମାନଙ୍କୁ ତାହାକୁ ସଂପୂର୍ଣ୍ଣ ସତ୍ୟବାଦନ ଭଳି ବିଶ୍ୱାସ କରିବାକୁ ପ୍ରଚୋଦିତ କରିଥାଏ। ଆଜି ଯଦି ଫ୍ରାଙ୍କଫର୍ଟ ଜୀବିତ ଥାନ୍ତେ, ସେ ନିଶ୍ଚିତ ରୂପେ ଏକମତ ହୁଅନ୍ତେ ଯେ ଯଦି ବକୱାସ ପାଇଁ ଏକ ନୋବେଲ ପ୍ରାଇଜ ପ୍ରଦାନ କରାଯାଉଥାନ୍ତା, ଏବଂ ଏଥିପାଇଁ ଯୋଗ୍ୟତମ ପ୍ରାର୍ଥୀ ଚୟନ କରିବା ଦାୟିତ୍ୱ ତାଙ୍କୁ ଅର୍ପଣ କରାଯାଆନ୍ତା, ତେବେ ସେ ନିଶ୍ଚିତ ରୂପେ ତତ୍ ?କ୍ଷଣାତ ଏଇ ତ୍ରିବିଧ ମାନଦଣ୍ଡ ସହିତ ଶତପ୍ରତିଶତ ଖାପ ଖାଉଥିବା ଯାହାଙ୍କ ନାମ ସେ ପ୍ରାଇଜ ପାଇଁ ସୁପାରିସ କରନ୍ତେ, ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ତାଙ୍କ ନିଜ ଦେଶ ଆମେରିକାର ବର୍ତମାନର ରାଷ୍ଟ୍ରପତି- ଡୋନାଲ୍ଡ ଟ୍ରମ୍ପ। ଏଥିପାଇଁ ଟ୍ରମ୍ପଙ୍କ ଯୋଗ୍ୟତାର ପୂର୍ଣ୍ଣ ବିବରଣୀ ଲିପିବଦ୍ଧ କରିବା ପାଇଁ ଏଇ ସମ୍ବାଦପତ୍ରର ସବୁତକ ପୃଷ୍ଠା ମଧ୍ୟ ନିଅଂଟ ହେବ। ତେବେ ଏଠାରେ ଏତିକି କହିଲେ ଯଥେଷ୍ଟ ହେବ ଯେ ରବିବାର ଦିନ ଟ୍ରମ୍ପ ମିସିଗାନ ରାଜ୍ୟର ପୋର୍ଟ ହ୍ୟୁରନଠାରେ ଏକ ନିର୍ବାଚନୀ ସମାବେଶରେ ଉଦ୍‌ବୋଧନ ଦେବା ଅବସରରେ ପୁଣି ଥରେ ସେ ଭାରତ-ପାକିସ୍ତାନ ଯୁଦ୍ଧ ସମେତ ଆଠଟି ଯୁଦ୍ଧ ବନ୍ଦ କରିଥିବା ଯୋଗୁଁ ୨୦୨୬ ?ର ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ହକ୍‌ଦାର ବୋଲି ନିଜର ପୁରୁଣା ବକୱାସ ଦୋହରାଇବା ସହିତ ଏହା ତାଙ୍କ ପ୍ରଦାନ କରା ନ ଯାଇ ଦକ୍ଷିଣ ଆଫ୍ରିକାର ନ୍ୟାୟାଧୀଶ ନାଭି ପିଲେଙ୍କୁ ପ୍ରଦାନ କରାଯିବାରୁ ଏଇ ପୁରସ୍କାର ପରିଚାଳନାକାରୀ ଦେଶ ନରୱେ ବିରୁଦ୍ଧରେ ବିଷୋଦ୍ ?ଗାର କରି ସଭ୍ୟତାର ଶତ୍ରୁ-ସୁଲଭ ଅତ୍ୟନ୍ତ ଅସଭ୍ୟ ଭାଷା ବ୍ୟବହାର କରି ସେ ଦେଶକୁ ଏକ 'ପାଇଖାନା ଘର' ରୂପେ ବର୍ଣ୍ଣନା କରିଥିଲେ।

ତଥ୍ୟର ସୁରକ୍ଷା ଓ ଉତରାଧିକାର

ଯୁଧିଷ୍ଠିର ମହାରଣା

ସୁନା,ୟୁରାନିୟମ, ବିରଳ ମୃତିକା ଓ ଜୀବାଶ୍ମ ଇନ୍ଧନ ପରେ ସାମ୍ପ୍ରତିକ ବିଶ୍ୱରେ ତଥ୍ୟର ଗୁରୁତ୍ୱ ଓ ମୂଲ୍ୟ ଆଶାତୀତ ବଢ଼ିବାରେ ଲାଗିଛି। ବିଶେଷକରି କୃତ୍ରିମ ବୁଦ୍ଧିମତା ଏଆଇ ଯୁଗରେ ତଥ୍ୟ ହିଁ ଆଧାର ଓ ମୁଖ୍ୟ ସଂଚାଳକ ହୋଇଥିବାରୁ ଏହାକୁ ନେଇ ବିଶ୍ୱରେ ଛାୟାଯୁଦ୍ଧ ଆରମ୍ଭ ହୋଇସାରିଲାଣି। ଏହି ପୃଷ୍ଠଭୂମିରେ ତଥ୍ୟର ସୁରକ୍ଷା ଓ ଉନ୍ନରାଧିକାର ପ୍ରଶ୍ନ ଆହୁରି ପ୍ରାସଙ୍ଗିକ ମନେ ହୁଏ। ଅର୍ଥାତ୍ ବ୍ୟକ୍ତିଗତ, ମୌଳିକ ଓ ଗବେଷଣାଲବ୍ଧ ତଥ୍ୟ ସ୍ୱତ୍ୱାଧିକାର ଆଇନ ଭଳି ସୁରକ୍ଷା ବଳୟରେ ଆସୁଛି କି ନାହିଁ ଏବଂ ଯିଏ ଚାହିଁଲା ଏହାକୁ ମନଇଚ୍ଛା ଉପଯୋଗ କରିପାରିବ ନା କିଛି କଟକଣା ରହିଛି ସେ ବିଷୟରେ ଅଧିକାଂଶ ଭାରତୀୟ ଅଜ୍ଞ। ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଆମ ସମ୍ବିଧାନ ଆମକୁ ଦେଇଛି। ତଥ୍ୟ ସୁରକ୍ଷା ପାଇଁ ଆମ ଦେଶରେ ଆଇନ ମଧ୍ୟ ପ୍ରଣୟନ ହୋଇଛି। କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି ତଥ୍ୟକୁ ସମ୍ପତି ବର୍ଗୀଭୂତ କରାଯାଇ ବ୍ୟକ୍ତିର ଅବର୍ତମାନରେ ଉନ୍ନରାଧିକାର ନିର୍ଣ୍ଣୟ କରାଯାଇପାରିବ କି ? ଏଭଳି ଏକ କୌତୁହଳ ଓ ସମ୍ବେଦନଶୀଳ ପ୍ରସଙ୍ଗ ଅଦାଲତ କାଠଗଡ଼ା ଭିତରକୁ ଆସିଛି। ଗୁଜୁରାଟର ଗାନ୍ଧୀନଗର ଦୌରା ଜଜଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇ ଜଣେ ମୃତକଙ୍କ ଆଇକ୍ଲାଉଡ଼ରେ ଥିବା ତଥ୍ୟକୁ ସମ୍ପତି ମାନ୍ୟତା ସହିତ ଉତରାଧିକାର ଓ ତଥ୍ୟ ହସ୍ତାନ୍ତର ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇଫୋନ ଓ ଆଇକ୍ଲାଉଡକୁ ଖୋଲିବା ପାଇଁ ପରିବାର ଲୋକକେ ଆଇଫୋନ ନିର୍ମାତା ଆପଲ କମ୍ପାନୀର ସହାୟତା ଲୋଡ଼ିଥିଲେ। କିନ୍ତୁ ଅଦାଲତ ନିର୍ଦ୍ଦେଶ ବିନା ପାସୱାର୍ଡ଼ କିମ୍ବା ତଥ୍ୟ ଅନ୍ୟପକ୍ଷଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆପଲ କହିବା ପରେ ପରିବାର ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଇଣ୍ଡିଆନ ସକସେସନ ଆକ୍ଟ-୧୯୨୫ ଆଧାରରେ ଫୋନରେ ଥିବା ତଥ୍ୟ ପାଇବାକୁ ହକଦାର ବୋଲି ଦାବି କଲେ। ଅଦାଲତରେ ମାମଲାର ତର୍ଜମା ଏତେ ସରଳ ନଥିଲା। ବାଦୀ ପକ୍ଷର ଯୁକ୍ତି ଅନୁଯାୟୀ ଆଇନତଃ ଜେନେରାଲ କ୍ଲଜ ଆକ୍ଟ ଡିଜିଟାଲ ତଥ୍ୟ ମଧ୍ୟ ସହଜ ବା ଅବସ୍ଥାବର ସମ୍ପତ୍ତି ପରିସରଭୁକ୍ତ। ଭାରତୀୟ ନ୍ୟାୟ ସଂହିତା, ପ୍ରିଭେନସନ ଅଫ ମନି ଲଣ୍ଡିଂ ଆକ୍ଟ ମଧ୍ୟ ସମାନ କଥା କହୁଛି। ଆୟକର ଆଇନର ଧାରା ୨(୪୭(ଏ) କ୍ରିପ୍ଟୋକରେନ୍ସି ଓ ଏନଏଫଟିକୁ ଡିଜିଟାଲ ଆସେଟ ମାନ୍ୟତା ଦେଇଛି। ତେଣୁ ତଥ୍ୟ ମଧ୍ୟ ସମ୍ପତି ତାଲିକାଭୁକ୍ତ ହୋଇପାରିବ ଏବଂ ଏହାର ଉତରାଧିକାର ନିର୍ଣ୍ଣୟ ହେବା ଉଚିତ। ଅପରପକ୍ଷରେ ପ୍ରତିବାଦୀ ପକ୍ଷ ଯୁକ୍ତି ଥିଲା ଯେ ତଥ୍ୟଗତ ଉତରାଧିକାର ସମ୍ପର୍କିତ କୌଣସି ସରକାରୀ ନିର୍ଦ୍ଦେଶନାମା କିମ୍ବା ବିଜ୍ଞପ୍ତି ନାହିଁ। ଏହାଛଡ଼ା ଡିଜିଟାଲ ଆକାଉଟଂରେ ଏଭଳି ଅନେକ ବ୍ୟକ୍ତିଗତ ଆଳାପ, ତଥ୍ୟ, ଚିଠି, ବାର୍ତ୍ତା ରହୁଛି ଯାହା ସମ୍ପୃକ୍ତ ବ୍ୟକ୍ତିର ଭାବପ୍ରବଣତା ସହିତ ଜଡ଼ିତ ଏବଂ ନିତାନ୍ତ ଗୋପନୀୟ। ହୁଏତ ଏହା ପ୍ରଘଟ ହେଲେ ପାରିବାରିକ ସମ୍ପର୍କରେ ବିଭ୍ରାଟ ସୃଷ୍ଟି ହୋଇପାରେ କିମ୍ବା ସମ୍ପର୍କରେ ସନ୍ତୁଳନ ବିଗିଡ଼ି ଯାଇପାରେ। ପରିବାର ଲୋକେ ଜାଣିଲେ ମଧ୍ୟ ମରୋଣତର ଭାବେ ଏହା ସମ୍ପୃକ୍ତ ବ୍ୟକ୍ତିର ମାନ, ସମ୍ମାନ ଓ ମର୍ଯ୍ୟାଦା ହାନି କରିପାରେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଶେଷରେ ଅଦାଲତ ଏହି ନିଷ୍କର୍ଷରେ ପହଚଂିଥିଲେ ଯେ ବ୍ୟକ୍ତିଗତ ଅଧିକାର ଓ ଗୋପନୀୟତାର ସର୍ତ ଜଣେ ବ୍ୟକ୍ତିର ଜନ୍ମ ସହିତ ଆରମ୍ଭ ହୁଏ ଏବଂ ମୃତ୍ୟୁ ସହିତ ସମାପ୍ତ ହୋଇଯାଏ। ତେଣୁ ମାନ ସମ୍ମାନ ମର୍ଯ୍ୟାଦାର ଦ୍ୱାହି ଦେଇ ତଥ୍ୟର ଉନ୍ନରାଧିକାରକୁ ନିଷେଧ କରାଯାଇପାରିବ ନାହିଁ। ଅଦାଲତ ନିର୍ଦ୍ଦେଶାନୁଯାୟୀ ଉକ୍ତ ଫୋନରେ ଥିବା ସମସ୍ତ ତଥ୍ୟ ମୃତକଙ୍କ ଝିଅକୁ ହସ୍ତାନ୍ତର କରିବାକୁ ଆପଲ ବାଧ ହୋଇଛି। ଏଭଳି ଏକ ମାମଲା ଜର୍ମାନୀର ସର୍ବୋଚ୍ଚ ଅଦାଲତ (ଫେଡେରାଲ କୋର୍ଟ ଅଫ ଜଷ୍ଟିସ୍ ଅଫ ଜର୍ମାନୀ)ରେ ଶୁଣାଣି ହୋଇଥିଲା। ୨୦୧୨ରେ ଜନୈକା ପନ୍ଦର ବର୍ଷର କିଶୋରୀଙ୍କ ମୃତ୍ୟୁ ପରେ ତାଙ୍କର ମୃତ୍ୟୁପୂର୍ବବର୍ତୀ ମାନସିକ ସ୍ଥିତି, ପରିସ୍ଥିତି ଜାଣିବା ଏବଂ ଦୁର୍ଘଟଣା ଜନିତ ଔପଚାରିକତା ପୂରଣ ଲାଗି ପିତାମାତା ଝିଅର ଫେସବୁକ ଆକାଉଟଂର ପାସୱାର୍ଡ଼ ଦେବାକୁ ଫେସବୁକ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଫେସବୁକ ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ ଦମ୍ପତ୍ତି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ସେଠାକାର ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣି କରି ୨୦୧୮ରେ ଦେଇଥିବା ରାୟରେ କହିଥିଲେ ଯେ ଡାଇରୀ, ଚିଠି ପରି ଡିଜିଟାଲ ତଥ୍ୟ ମଧ୍ୟ ଉନ୍ନରାଧିକାରୀଙ୍କୁ ହସ୍ତାନ୍ତର କରାଯାଇପାରିବ। କାରଣ ଜେନେରାଲ ଡାଟା ପ୍ରୋଟେକସନ ରେଗୁଲେସନ ଅନୁଯାୟୀ ତୃତୀୟପକ୍ଷଙ୍କୁ ତଥ୍ୟ ହସ୍ତାନ୍ତର ବାରଣ ରହିଛି କିନ୍ତୁ ପରିବାର ଲୋକେ ତୃତୀୟ ପକ୍ଷ ନୁହଁନ୍ତି। ପରିବାର ଲୋକେ ମୃତକଙ୍କ ଆକାଉଟଂକୁ ଚଳାଇ ପାରିବେ ନାହିଁ। କିନ୍ତୁ ସେଥିରେ ଥିବା ତଥ୍ୟ ପାଇବାକୁ ହକଦାର। ଏହାପରେ ଫେସବୁକ ମୃତକଙ୍କ ପାସୱାର୍ଡ଼ ତାଙ୍କ ପିତାମାତାଙ୍କୁ ଦେଇଥିଲା। ଏଭଳି ଜଟିଳ ଓ ବିରଳ ମାମଲାର ସମାଧାନ ପାଇଁ ଆମ ଦେଶରେ ପ୍ରଚଳିତ ଆଇନ ଅସ୍ପଷ୍ଟ। ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆକ୍ଟ ୨୦୨୩ର ଧାରା ୧୪ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କର ଡିଜିଟାଲ ତଥ୍ୟର ବ୍ୟବହାର ପାଇଁ ଉନ୍ନରାଧିକାର ଚୟନ କରିପାରିବେ। ଅର୍ଥାତ୍ ବ୍ୟାଙ୍କ ଆକାଉଟଂର ଅର୍ଥ ରାଶି ଦାବି ପରି ଡିଜିଟାଲ ଆକାଉଟଂରେ ଥିବା ତଥ୍ୟ ତାଙ୍କ ମୃତ୍ୟୁ ପରେ ନୋମିନି ଉପଯୋଗ କରିପାରିବେ ଏବଂ ଏଥିରେ ପାସୱାର୍ଡ଼ ଆଦିକୁ ଡିକୋଡ କରିବାରେ ନୋମିନଙ୍କୁ ସମ୍ପୃକ୍ତ ସେବା ପ୍ରଦାନକାରୀ ସଂସ୍ଥା ସହାୟତା କରିବେ। କିନ୍ତୁ ଯଦି ନୋମିନି ଚୟନ ହୋଇନାହିଁ ସେ କ୍ଷେତ୍ରରେ କଣ କରାଯିବ ସେ ବିଷୟରେ ଆଇନ ନିରବ ରହିଛି। ସୂଚନା ପ୍ରଯୁକ୍ତି ଆଇନ ୨୦୦୦ରେ ମଧ୍ୟ ତଥ୍ୟ ଉନ୍ନରାଧିକାର ବିଷୟରେ ଉଲ୍ଲେଖ ନାହିଁ। ତେଣୁ ଭବିଷ୍ୟତର ଏଭଳି ଜଟିଳ ମାମଲାର ଫଏସଲା ପାଇଁ ଗାନ୍ଧୀନଗର ଅଦାଲତ ରାୟ ମାନଦଣ୍ଡ ବା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଇଟଂରନେଟର ପ୍ରଚଳନ ପୂର୍ବରୁ ହାତଲେଖା ଡାଇରି କିମ୍ବା ଚିଠିପତ୍ର ଆଦି ଗୋପନୀୟ ଦସ୍ତାବେଜ ଭାବେ ରହୁଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସିନ୍ଧୁକ କିମ୍ବା ଆଲମାରୀରୁ ସେ ସବୁ ସଂଗ୍ରହ ବା ଉଦ୍ଧାର କରିବାରେ ଆଇନତଃ ପ୍ରତିବନ୍ଧକ ରହୁ ନଥିଲା। କିନ୍ତୁ ଏବେ ଡିଜିଟାଲ ନିର୍ଭରଶୀଳତା ବଢ଼ିବା ସହିତ ହାତ ଲେଖା ଦସ୍ତାବେଜର ସଂଖ୍ୟା ପ୍ରାୟତଃ ଶୂନ୍ୟ ହୋଇଆସୁଥିବା ବେଳେ ଡିଜିଟାଲ ଡକ୍ୟୁମେଟଂର ପ୍ରାବଲ୍ୟ ବଢ଼ିବାରେ ଲାଗିଛି। ବିଶେଷକରି ଏଆଇ ଯୁଗରେ ତଥ୍ୟର ପ୍ଲାବନ ସୃଷ୍ଟି ହୋଇସାରିଥିବାରୁ ଭବିଷ୍ୟତରେ ଆଇନଗତ ଜଟିଳତା ଏଡ଼ାଇବା ପାଇଁ ଆମ ଦେଶରେ ସ୍ପଷ୍ଟ ଆଇନ ପ୍ରଣୟନ ହେବା ବିଧେୟ।

ସାନ ଆକାର ,ସୌମ୍ୟ ବିଚାର

ବିରଜା ରାଉତରାୟ

ହି ଶୀର୍ଷକଟି ଆପଣମାନଙ୍କୁ ଏକ ପହେଳି ପରି ଲାଗୁଥାଇ ପାରେ । ମାତ୍ର ଏହାର ସଂକେତ ଓଡ଼ିଶାର ଏକ ଅନ୍ୟତମ ସାର୍ଥକ ପୁରୁଷକୁ ସୂଚାଇଥାଏ । ସିଏ ଆଉ କେହି ନୁହନ୍ତି,ଦୀନଜନଙ୍କର ବନ୍ଧୁ,ଦୀନବନ୍ଧୁ ସାହୁ । ଓଡ଼ିଶାର ଇତିହାସ ଯଦିଓ ତାଙ୍କୁ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ,ପୂର୍ବତନ ଆଇନମନ୍ତ୍ରୀ,ଆଡ଼ଭୋକେଟ୍ ଜେନରାଲ୍ ଓ ପ୍ରଖ୍ୟାତ ଆଇନଜ୍ଞ ଭାବରେ ସ୍ମୃତିଚାରଣ କରିଥାଏ,ମାତ୍ର ଏହି ଅନନ୍ୟ ବ୍ୟକ୍ତିବିଶେଷଙ୍କ ଉଦାରତା, ଅସୀମ ସେବାନୁବର୍ତିତା ତଥା ତ୍ୟାଗପୂର୍ଣ୍ଣ ଜୀବନର ଛାପ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ଅନ୍ୟ ଏକ ଉଲ୍ଲେଖନୀୟ ଦିଗ କହିଲେ ଅତ୍ୟୁକ୍ତି ହେବନାହିଁ ।ଭାରତୀୟ ପୁରାଣ ଶାସ୍ତ୍ରରେ ଉଲ୍ଲେଖ ରହିଛି- "ପରୋପକାରାୟ ସ୍ୱର୍ଗାୟଃ" । ଏହି ଉକ୍ତିଟିକୁ ନିଜ ଜୀବନର ଆଦର୍ଶ ରୂପେ ଯେପରି ସ୍ୱର୍ଗତ ଦୀନବନ୍ଧୁ ବାବୁ ଗ୍ରହଣ କରି ନେଇଥିଲେ । ତତ୍କାଳୀନ କଟକ ଜିଲ୍ଲାର କେନ୍ଦ୍ରାପଡ଼ା ସବଡିଭିଜନ୍ ସଦର ମହକୁମାର ଏକ ଜମିଦାର ପରିବାରରେ ୧୯୧୦ ମସିହା ଅକ୍ଟୋବର ମାସ ୧୦ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ । ପିତା ଶୋଭନୀ ସାହୁ ଓ ମାତା ସୁମିତ୍ରା ଦେବୀ ଉଭୟ ଥିଲେ ପରୋଉପକାରୀ ଓ ଧର୍ମପ୍ରାଣ । ଅତଏବ,ବାଲ୍ୟ ଅବସ୍ଥାରୁ ସେବା କାର୍ଯ୍ୟ ପ୍ରତି ତାଙ୍କର ଅତ୍ୟନ୍ତ ଆଗ୍ରହ ପରିଲକ୍ଷିତ ହୋଇଥିଲା । ୧୯୩୪ ମସିହାରେ ପାଟଣା ବିଶ୍ୱବିଦ୍ୟାଳୟରୁ କଳା ଓ ଆଇନରେ ସ୍ନାତକୋନ୍ତର ଉପାଧି ଲାଭ କଲାପରେ ୧୯୩୬ ମସିହାରୁ ସେ କଟକ ସର୍କିଟ୍ କୋର୍ଟରେ ଆଇନଜୀବୀ ରୂପେ ଯୋଗ ଦେଇଥିଲେ। ତାଙ୍କ ଜୀବନର ଗୋଟିଏ ପଟେ ଜାରି ରହିଥିଲା ଆଇନ ସେବା ଓ ରାଜନୀତି । ଆରପଟରେ ସାମାଜିକ ପ୍ରତିବଦ୍ଧତା । ଯେଉଁଥିପାଇଁ ବେଜେଲ୍ ଗେଟ୍ ହତ୍ୟାକାଣ୍ଡର ଅଭିଯୁକ୍ତ ଆସାମୀମାନଙ୍କ ସପକ୍ଷରେ କେସ୍ ଲଢ଼ିବାଠାରୁ ଆରମ୍ଭ କରି ଗଡଜାତ ପ୍ରଜା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପକ୍ଷରେ କେସ୍ ଲଢ଼ିବାକୁ ସେ ଆଗଭର ହୋଇଥିଲେ । ସାମାଜିକ ସେବା ତାଙ୍କ ବୃହତର ରାଜନୈତିକ ଜୀବନର ଏକ ଅପରିହାର୍ଯ୍ୟ ଅଂଶ ପାଲଟି ଯାଇଥିଲା । ନିଜ ପିତା ଶୋଭନୀ ସାହୁଙ୍କୁ ସେ ପ୍ରବର୍ତ୍ତାଇ ଜମିଦାରୀର ବହୁ ଭୂ-ସମ୍ପତି ଓଡିଶା ଭୂ-ଦାନ ସମିତି ପାଇଁ ଦାନ କରି ଦେଇଥିଲେ ।୧୯୪୮- ୫୪ ମସିହା ଓଡିଶା ବିଧାନସଭାର ସଦସ୍ୟ ଓ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରୂପେ ସେ ନିଜର ଦକ୍ଷତା ପ୍ରତିପାଦିତ କରି ଯାଇଛନ୍ତି । ଏତଦବ୍ୟତୀତ ୧୯୬୧-୬୭ ମସିହ ଓଡିଶାର ଆଡଭୋକେଟ୍ ଜେନେରାଲ୍ ଭାବେ ତାଙ୍କର କାର୍ଯ୍ୟକାଳ ମଧ୍ୟ ଅନେକ ଦୃଷ୍ଟିରୁ ଥିଲା ସ୍ମରଣୀୟ ।କେନ୍ଦ୍ରାପଡ଼ାର ଅଧିବାସୀ ଭାବେ ନିଜ ଅଚଂଳର ସାମଗ୍ରିକ ବିକାଶ ତାଙ୍କ ଅଭିଷ୍ଟ ସ୍ୱପ୍ନର ରୂପରେଖରେ ସ୍ଥାନିତ ହୋଇଥିଲା ।ଏହି ଅଚଂଳର ନିର୍ବାଚିତ ପ୍ରତିନିଧି ଭାବେ ନିଜର ପ୍ରିୟ ଜନ୍ମମାଟିକୁ ତାଙ୍କର ଅବଦାନ ଯଥାର୍ଥରେ ପ୍ରଶଂସନୀୟ। ବୈଷୟିକ ଓ ପ୍ରଯୁକ୍ତିଗତ ଜ୍ଞାନ ଯେ ବିକାଶର ଅସଲ ଚାବିକାଠି,ଏହା ଅନୁଭବ କରି ସେ କେନ୍ଦ୍ରାପଡ଼ାଠାରେ ଏକ ଇଞ୍ଜିନିୟରିଙ୍ଗ ସ୍କୁଲ ସ୍ଥାପନା କରିଥିଲେ। ପରବର୍ତୀ କାଳରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ପ୍ରତିଷ୍ଠା ତାଙ୍କର ପୁରୋଦୃଷ୍ଟିର ଏକ ଚାକ୍ଷୁସ ଉଦାହରଣ ଅଟେ ।ମାତ୍ର, କେନ୍ଦ୍ରାପଡାବାସୀଙ୍କର ଦୁର୍ଭାଗ୍ୟ, ଏହି ଜିଲ୍ଲାର ପରବର୍ତୀ ରାଜନୈତିକ ଉନ୍ନରାଧିକାରୀମାନେ ଏପରି ଏକ ପୁରାତନ ଉଚ୍ଚଶିକ୍ଷାଅନୁଷ୍ଠାନକୁ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଉତ୍କର୍ଷତା ପ୍ରଦାନ କରିବାରେ ବିଫଳ ହେଲେ ।ଏହି ଆଲେଖ୍ୟର ପ୍ରାରମ୍ଭରୁ ସାରା ଓଡ଼ିଶା ଜଣେ ବିଚକ୍ଷଣ ଆଇନଜ୍ଞ ଭାବେ ଜାଣିଥିବ ଦୀନବନ୍ଧୁ ସାହୁଙ୍କ ବ୍ୟକ୍ତିତ୍ୱର ଏକ ଦରଦୀ ଦିଗକୁ ଉପସ୍ଥାପିତ କରିବା ଏହି ଲେଖକର ଅଭିପ୍ରାୟ ରହିଥିଲା । ଜମିଦାର ପରିବାରର ସନ୍ତାନ ହୋଇଥିବା ସତ୍ୱେ ଗାଁ ମଣିଷର ସୁଖ ଦୁଃଖ ଅଭାବ ଅନଟନ ତାଙ୍କୁ ବେଶ୍ ଦ୍ରବୀଭୂତ କରି ରଖିଥିଲା । ସେଥିପାଇଁ ସମବାୟ ଆନ୍ଦୋଳନରେ ତାଙ୍କର ଅନବଦ୍ୟ ଭୂମିକା ଦେଖିବାକୁ ମିଳିଥାଏ । ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳ ଯୋଗାଣ,ଜମିରେ ଜଳସେଚନର ବ୍ୟବସ୍ଥା,ଗ୍ରାମସ୍ତରୀୟ ଗମନାଗମନ,ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସେ ଧ୍ୟାନ ଦେଇଥିଲେ । ରାଜନୀତିକ ଜୀବନର ଶେଷାର୍ଦ୍ଧରେ ସେ ଏକ ସରଳ ଧାର୍ମିକ ଜୀବନ ଅତିବାହିତ କରିଥିଲେ । ସାଧୁସନ୍ଥଙ୍କ ଗହଣରେ ନାନାଦି ଧର୍ମଶାସ୍ତ୍ର ଆଲୋଚନା,ଭାଗବତ ଚର୍ଚ୍ଚା ଓ ଜନସେବାରେ ନିଜର ସମୟ ଅତିବାହିତ କରୁଥିଲେ ।କହିବାକୁ ଗଲେ,ଆକାରରେ ଥିଲେ ସେ ଜଣେ ମଧ୍ୟମ ଉଚ୍‌ଚତାର ମଣିଷ । ଅଥଚ ବିବେକ,ଦକ୍ଷତା ଓ ବିଚାରରେ ତାଙ୍କ ଠାରେ ଯଥାର୍ଥରେ ଭରି ରହିଥିଲା ଅତୁଳନୀୟ ସୌମ୍ୟଦର୍ଶିତା ।

ନେଡ଼ିଗୁଡ଼ କହୁଣିକୁ ବୋହିଗଲା ପରେ

ସୁକାନ୍ତ କୁମାର ପଟେଲ

ମହୀଶୂର ଜିଲ୍ଲାର ପେରିଆପାଟଣା ଠାରେ ଏକ ଜନଶୁଣାଣି କାର୍ଯ୍ୟକ୍ରମରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି. କେ. ଶିଭକୁମାର, ଜନୈକ କୃଷକଙ୍କ ଠାରୁ ଏକ ଅଦ୍ଭୁତ ଆବେଦନ ପତ୍ର ପାଇ ସ୍ଥାଣୁ ପାଲଟିଗଲେ । କୃଷକଟି ନିଜ ନିମନ୍ତେ ଏକ କନ୍ୟାପାତ୍ରୀ ଯୋଗାଡ଼ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଲୋଡ଼ିଥିଲା । କେବଳ ସେତିକି ନୁହେଁ, ସେହିଭଳି ଅନ୍ୟୁନ ୩୦ ଜଣ କୃଷକ ନିଜ ପାଇଁ କନ୍ୟାପାତ୍ରୀ ଯୋଗାଡ଼ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରିଥିଲେ । ସେମାନଙ୍କ ଆବେଦନ ଅନୁସାରେ, କୃଷକମାନଙ୍କର ନିଜସ୍ୱ ଜମିବାଡ଼ି ଥାଇ ମଧ୍ୟ ବିବାହ ନିମନ୍ତେ କୌଣସି କନ୍ୟା ଆଗଭର ହେଉନାହାଁନ୍ତି । ସୁତରାଂ, ସେମାନଙ୍କ ନିମନ୍ତେ ସରକାରୀ ଯୋଜନାରେ କନ୍ୟାପାତ୍ରୀ ଯୋଗାଇ ଦିଆଯାଉ ଯାହାକୁ 'ବିବାହ ପ୍ରତିଭୂତି' ନାମରେ ନାମିତ କରାଯିବ । ଯଦିଓ ମୁଖ୍ୟମନ୍ତ୍ରୀ ଏଥିରେ କୌଣସି ବିଚାର କରିପାରିଲେ ନାହିଁ, ତଥାପି ଜଣାଯାଏ ଯେ ଲିଙ୍ଗ ଅନୁପାତରେ ମହିଳାଙ୍କ ସଂଖ୍ୟା ପୁରୁଷଙ୍କ ଠାରୁ ଯଥେଷ୍ଟ କମ୍ ରହିବାରୁ ଏପରି ଅବସ୍ଥା । ଏହି ସମସ୍ୟା କିଛି ନୂଆ କଥା ନୁହେଁ । ପୂର୍ବରୁ କର୍ଣ୍ଣାଟକର କୁନିଗାଲ ବିଧାନସଭା ସଦସ୍ୟ ଏଚ. ଡି. ରଙ୍ଗନାଥ ମଧ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମାୟା ଙ୍କୁ ଏକ ପତ୍ର ଲେଖି ଜଣାଇଥିଲେ ଯେ, ଗ୍ରାମାଚଂଳରେ ଥିବା ବିବାହଯୋଗ୍ୟ ଯୁବକଙ୍କୁ ବିବାହ କରିବା ନିମନ୍ତେ କୌଣସି କନ୍ୟାପାତ୍ରୀ ରାଜି ହେଉନାହାଁନ୍ତି । ଅବିବାହିତ କୃଷକମାନେ ମଧ୍ୟ ପ୍ରାୟ ୩୦ରୁ ୪୦ବର୍ଷ ବୟସ ଅତିକ୍ରମ କରିବା ପରେ ଅବିବାହିତ ରହିବାକୁ ପସନ୍ଦ କରୁଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ବିବାହଯୋଗ୍ୟା ମହିଳାମାନେ କେବଳ ନିଜର ଇଚ୍ଛା ପ୍ରକାଶ ନିମନ୍ତେ ସେମାନଙ୍କୁ ଅଭିଯୁକ୍ତ ବୋଲି ଧରାଯିବା ଉଚିତ ନୁହେଁ । ଏହି ସମସ୍ୟା କେବଳ କର୍ଣ୍ଣାଟକ ନୁହେଁ, ବରଂ ଭାରତରେ ସବୁଆଡ଼େ ସବୁ କୃଷକ ପରିବାର ଅନୁଭବ କରୁଛନ୍ତି । ଗ୍ରାମାଚଂଳରେ କୃଷକମାନଙ୍କୁ ବିବାହ କରିବା ଅପେକ୍ଷା ବରଂ ସହରାଚଂଳରେ ଅସ୍ଥାୟୀ ଚାକିରିରେ ନିଯୁକ୍ତ ଥିବା ପୁରୁଷଙ୍କୁ ବିବାହ କରିବା ପାଇଁ କନ୍ୟାପାତ୍ରୀ ଏବେ ସ୍ଥିର କରୁଛନ୍ତି । ତେବେ ଗ୍ରାମାଚଂଳରେ ଶିକ୍ଷା ତଥା ଉଚ୍ଚଶିକ୍ଷାର ପ୍ରସାର ଯୋଗୁଁ ଉଭୟ ପୁରୁଷ ଏବଂ ମହିଳାମାନେ ଅଧିକ ସଂଖ୍ୟାରେ ସହରାଚଂଳ ଆଡ଼କୁ ଅଗ୍ରସର ହୋଇ ଅଣକୃଷି କାର୍ଯ୍ୟ କରିବାକୁ ବେଶି ପସନ୍ଦ କରୁଛନ୍ତି, ଯାହାଫଳରେ ଏ ପ୍ରକାର ଅବସ୍ଥା ସୃଷ୍ଟି । ଏଣୁ ଗ୍ରାମାଚଂଳର ପୈତୃକ ସମ୍ପତି ଏବେ ପ୍ରାୟତଃ ପଡ଼ିଆ ଜମି ଭାବେ ପଡ଼ିରହିଛି । ଅଧିକାଂଶ ପୁରୁଷ ଏବଂ ମହିଳା ଅଧିକ ରୋଜଗାର ଆଶାରେ ଅନ୍ୟ ରାଜ୍ୟକୁ ଶ୍ରମିକ ହେବାକୁ ପସନ୍ଦ କରୁଥିବାବେଳେ ନିଜ ଗ୍ରାମକୁ ଫେରିବାକୁ ନାରାଜ । ସମୟ ଥିଲା ଜମିବାଡ଼ି ଥିଲେ ସାମାଜିକ ପ୍ରତିଷ୍ଠା ଏବଂ ପ୍ରତିପତ୍ତି ପ୍ରମାଣିତ ହେଉଥିଲା । କିନ୍ତୁ ସମୟ ବଦଳିବା ସହ ଏସବୁ ଏବେ ସଂପୂର୍ଣ୍ଣ ଭିନ୍ନ, କାରଣ କୃଷିକାର୍ଯ୍ୟ ଏବେ ନିଜର ପ୍ରତିଷ୍ଠା ହରାଇବାକୁ ବସିଲାଣି । ଜଳବାୟୁ ପରିବର୍ତନ ବିଶେଷକରି ଏଥିପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି । ମୌସୁମୀ ବାୟୁର ଅନିୟମିତତା ଏବଂ ବର୍ଷା ପରିମାଣ ହ୍ରାସ ସହ ଉପଯୁକ୍ତ ଜଳସେଚନର ଅବ୍ୟବସ୍ଥା ଯୋଗୁଁ ଶସ୍ୟହାନି ସହ ଫସଲ ନଷ୍ଟ ହେବାରୁ କୃଷିକ୍ଷେତ୍ରରୁ ଆୟ ସାଂଘାତିକ ଭାବେ କମିବାରେ ଲାଗିଛି । କେବଳ ମାତ୍ର ଏହା କମିନାହିଁ ବରଂ କ୍ରମାଗତ ଭାବେ ବଢନ୍ତା ଗତିରେ ହ୍ରାସ ପାଇ ପାଇ ଚାଲିଛି । ପ୍ରତିବର୍ଷ ଜଳବାୟୁ ସହ ଋତୁ ପରିବର୍ତନରେ ଅନିୟମିତତା ଯୋଗୁଁ ମରୁଡ଼ିର ପଦଧ୍ୱନିର ଆଶଙ୍କା କରାଯାଉଛି । ଗତ କିଛିବର୍ଷ ଧରି ଦେଶରେ କୃଷକ ଆତ୍ମହତ୍ୟା ଏହାର ଜ୍ୱଳନ୍ତ ଉଦାହରଣ, ଯାହାକୁ ରୋକିବାକୁ ଆମ ଦେଶ ଅକ୍ଷମ । ଉଦାହରଣ ସ୍ୱରୂପ କର୍ଣ୍ଣାଟକରେ ୨୦୧୧ରୁ ୨୦୨୧ ମଧ୍ୟରେ ପ୍ରାୟ ୨୮୦୯ ଜଣ କୃଷକ ଆତ୍ମହତ୍ୟା କରିଥିବାର ଗଣମାଧ୍ୟମ ରିପୋର୍ଟରୁ ଜଣାଯାଏ । ସେହି ସମୟ ମଧ୍ୟରେ କାର୍ଯ୍ୟକ୍ଷମ ଜନତା ଗ୍ରାମାଚଂଳରୁ ସହରାଚଂଳକୁ ଯିବା ଅସମ୍ଭବ ଭାବେ ବୃଦ୍ଧି ଘଟିଛି । ଅନ୍ୟ ପ୍ରଦେଶର ଚିତ୍ର ଆହୁରି ଗମ୍ଭୀର । ଉଦାହରଣ ସ୍ୱରୂପ, ଏଇ କିଛିଦିନ ତଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରୁ ମହିଳାମାନେ ତେଲେଙ୍ଗାନା ଏବଂ ଆନ୍ଧ୍ରରେ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣାର ଶିକାର ହେବା ଆମ ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଥିଲା । ସେହିପରି ଭାବରେ ଗଞ୍ଜାମ, କୋରାପୁଟ, ବଲାଙ୍ଗୀରରୁ ଉଭୟ ପୁରୁଷ ଏବଂ ମହିଳା ଗୋତିଶ୍ରମିକ ଭାବେ ପଡ଼ୋଶୀ ରାଜ୍ୟରେ ଖଟିବାର ଦେଖାଯାଉଛି । ଯଦି ଲିଙ୍ଗଗତ ଅନୁପାତ ବିଶ୍ଳେଷଣ କରାଯାଏ ତେବେ ଜଣାଯିବ ଯେ, କର୍ଣ୍ଣାଟକରେ ପୁରୁଷ ଏବଂ ମହିଳା ଅନୁପାତ ଯଥାକ୍ରମେ ୧୦୦୦ ଏବଂ ୯୭୯ । ସେହିପରି ପଞ୍ଜାବରେ ୧୦୦୦ ପୁରୁଷ ନିମନ୍ତେ ୯୦୭ ମହିଳା ଏବଂ ହରିୟାନାରେ ମାତ୍ର ୮୮୨ ମହିଳା । ଅର୍ଥାତ୍, ଆମ ଦେଶରେ କନ୍ୟାଭ୍ରୂଣ ହତ୍ୟାର ପ୍ରାଦୁର୍ଭାବ ଅଧିକ । ଏପରି ପରିସ୍ଥିତିରେ କୃଷକଙ୍କ ନିମନ୍ତେ କନ୍ୟା ମିଳିବେ ବା କିପରି ? ଆହୁରି ମଧ୍ୟ ଜଳକ୍ଲିଷ୍ଟ ଅଚଂଳ ଏବଂ ଶୌଚାଳୟ ନଥିବା ପରିବାରରେ ଝିଅ ବିବାହ କରିବାକୁ ଝିଅଙ୍କ ପରିବାର ଅନାଗ୍ରହୀ । ଏସବୁ ପରିସ୍ଥିତିକୁ ବିଚାର କଲେ ଜଣାପଡିବ ଯେ, କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତନର ଆବଶ୍ୟକତା ରହିଛି । କିନ୍ତୁ ପ୍ରଶ୍ନ ଉଠେ ଯେ, ଏସବୁ ହେବ କିପରି ଏବଂ କରିବ କିଏ ? ସରକାର ପରେ ସରକାର ଆସୁଛନ୍ତି ବାହାସ୍ଫୋଟ ମାରି ପରିସଂଖ୍ୟାନରେ ଦର୍ଶାଉଛନ୍ତି ଯେ, କୃଷି ତଥା କୃଷକର ଉନ୍ନତି ନିମନ୍ତେ ଆମ ରାଜନୈତିକ ଦଳ ସମୁଦ୍ର ପରାୟେ ସମ୍ବଳ ଉପଯୋଗ କରୁଛନ୍ତି । କିନ୍ତୁ ବାସ୍ତବରେ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ କୃଷି ଏବଂ କୃଷକର ଉନ୍ନତି ପରିବର୍ତ୍ତେ ରାଜନେତାଙ୍କ ଉନ୍ନତି ଘଟି ଚାଲିଛି । ଗତବର୍ଷ କଥା ଚିନ୍ତା କରନ୍ତୁ । ଆଳୁ ପାଇଁ ପଶ୍ଚିମବଙ୍ଗ ସରକାରଙ୍କ ନିକଟରେ ଓଡ଼ିଶା ହାତ ପତାଇଥିଲା । ଶୀତଳ ଭଣ୍ଡାର ନଥିବାରୁ ଆଳୁର ଉପଯୁକ୍ତ ସଂରକ୍ଷଣ ନହେବାରୁ ଜରୁରି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏସବୁ ସମସ୍ୟାର ସମାଧାନ ହେବ କିପରି ତାହା କାହାକୁ ଜଣାନାହିଁ । କୃଷିର ଉନ୍ନତି ନହେଲେ ଖାଦ୍ୟଶସ୍ୟର ମୂଲ୍ୟ ବୃଦ୍ଧି ଘଟିବା ସହିତ କୃଷକର ଅବନତି ଘଟିବା ସୁନିଶ୍ଚିତ । ଆମ ମୋଟ୍ ସାମଗ୍ରିକ ଘରୋଇ ଉତ୍ପାଦ ଅଥବା ଜି.ଡି.ପି.ରେ କୃଷି ଏବଂ ତତସଂଲଗ୍ନ ଅନ୍ୟାନ୍ୟ କ୍ଷେତ୍ରର ଅବଦାନ ମୂଲ୍ୟ ମାତ୍ର ୧୭.୩ରୁ ୧୮ ପ୍ରତିଶତ ହୋଇଥିବାବେଳେ ଏଥିରେ ନିୟୋଜିତ କୃଷିଶ୍ରମିକଙ୍କ ସଂଖ୍ୟା ପ୍ରାୟ ୪୨ରୁ ୪୫ ପ୍ରତିଶତ । ଧୀରେ ଧୀରେ କୃଷିଶ୍ରମିକଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇବାରେ ଆରମ୍ଭ କଲାଣି । ସୁତରାଂ, ଭାରତରେ ଯଦି ଏ ପ୍ରକାର ସମସ୍ୟା ଲାଗିରହେ ତେବେ ଆଶା ଏବଂ ଆଶଙ୍କା ଯେ ନିକଟ ଭବିଷ୍ୟତରେ ଜି.ଡି.ପି.ରେ କୃଷି ଅବଦାନ ମୂଲ୍ୟ ସର୍ବନିମ୍ନ ହ୍ରାସପାଇ ଶୂନରେ ପହଚଂିବ । ଆମେ ଏହି ବର୍ଷ ୭୯ତମ ସ୍ୱାଧୀନତା ଦିବସକୁ ବହୁ ଜାକଜମକରେ ପାଳନ କରିଥିଲୁ । ଏତେବର୍ଷ ପରେ ମଧ୍ୟ ଆମ କୃଷି ଏବଂ କୃଷକ ଉଭୟ ଅବହେଳିତ । ସେମାନଙ୍କୁ କନ୍ୟା ମିଳିବା ଦୂରେ ଥାଉ, ସେମାନଙ୍କ ଅଧୋପତନରେ ନିଶ୍ଚିତ ଭାବେ ସମଗ୍ର ଭାରତରେ ଅରାଜକତା ସୃଷ୍ଟିହେବ ଏବଂ ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହିଗଲା ପରେ ଅବସ୍ଥା ଅଣାୟନ୍ତ ହେବ । ଏମିତି କେତେ ଯୋଜନା କମିଶନ, ନୀତି ଆୟୋଗ ଗଠନ ହେଲେ ମଧ୍ୟ କୃଷି ଏବଂ କୃଷକର ଉନ୍ନତି ହେବନାହିଁ । ସରକାର ପରେ ସରକାର ଆସିବେ ଏବଂ ପୂର୍ବତନ ସରକାରଙ୍କୁ ଦୋଷ ଦେଇ ଚାଲିଥିବେ । ସୁତରାଂ, ଆଶୁ ସମାଧାନ ନିମନ୍ତେ ବର୍ତମାନର ସରକାର ଚିନ୍ତା କରିବା ନିତାନ୍ତ ଜରୁରି ।

ପ୍ରବେଶ ପରୀକ୍ଷା

ଏହା ହୃଦୟଙ୍ଗମ କରିବା କଷ୍ଟ ନୁହେଁ ଯେ 'ୟୁଜର୍ ନେମ୍'ର ପ୍ରଚଳନ ଆରମ୍ଭ ହୋଇଗଲେ ତାହା ଏଇ ଅପରାଧୀମାନଙ୍କ ପାଇଁ ଏକ ବରଦାନ ସଦୃଶ ହେବ। ସେମାନେ ଏହାକୁ ନିଜର ବିଶ୍ୱସନୀୟତାରେ ବୃଦ୍ଧି ଘଟାଇବାକୁ ଓ ନିଜର ଅସଲ ପରିଚୟ ଗୋପନ ରଖିବା ପାଇଁ ଏକ ପ୍ରକୃଷ୍ଟ ସାଧନ ଓ ଢାଙ୍କୁଣୀ ରୂପେ ବ୍ୟବହାର କରିବେ। ଉଦାହରଣ ସ୍ୱରୂପ ଏଇ ଅପରାଧୀମାନେ ବିଭିନ୍ନ ସରକାରୀ ଦପ୍ତର ବା ବିଭାଗର ନାମ ସହିତ ମେଳ ଖାଉଥିବା ଭଳି ନିଜର 'ୟୁଜର୍ ନେମ୍' ସୃଷ୍ଟି କରି ସରଳବିଶ୍ୱାସୀ ଶିକାରମାନଙ୍କୁ ସେମାନଙ୍କର ଜାଲରେ ପକାଇବା ଆହୁରି ସହଜ ହୋଇଯିବ। ଗତ ସପ୍ତାହରେ ଏଇ ସ୍ତମ୍ଭରେ ଆମେ 'ହ୍ୱାଟ୍‌ସଆପ୍' ପରି ଏକ ବିଶାଳ ଅନ୍ତର୍ଜାତୀୟ ସୋସିଆଲ ମିଡିଆ ଓ ଟେକ୍‌ନୋଲୋଜି କଂପାନିର ଗ୍ଲୋବାଲ୍ 'ସିଇଓ' ରୂପେ ଭାରତୀୟ ଦର୍ଶନଶାସ୍ତ୍ର ଛାତ୍ର କୁନାଲ ଶାହଙ୍କ ନିଯୁକ୍ତିର ସାଂପ୍ରତିକ ତାତ୍ପର୍ଯ୍ୟ ଅନୁଶୀଳନ କରିବାକୁ ଚେଷ୍ଟା କରିଥିଲୁ। ଏବେ ମନେ ହେଉଛି ଶାହ 'ହ୍ୱାଟ୍‌ସଆପ୍'ର ନିୟନ୍ତ୍ରଣ ରଜ୍ଜୁ ହାତରେ ଧରୁଣୁ ନ ଧରୁଣୁ ତାଙ୍କୁ ବର୍ତମାନ ନିଜର ବୈଚାରିକ ସନ୍ତୁଳନ ଅକ୍ଷୁଣ୍ଣ ରଖି କାର୍ଯ୍ୟ କରିବା ନିମିତ୍ତ ସେ ଦର୍ଶନଶାସ୍ତ୍ରରୁ ଶିକ୍ଷା କରିଥିବା ନିର୍ଲିପ୍ତବାଦର ସୂକ୍ଷ୍ମ କୌଶଳମାନ ସ୍ମରଣ କରିବାକୁ ହେବ। କାରଣ ଏକ ଓଡ଼ିଆ ଢଗ ଅନୁସାରେ 'ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା' ପରି କୁନାଲ ଶାହ 'ହ୍ୱାଟ୍‌ସଆପ୍' ଘରେ ନ ପଶୁଣୁ ତାଙ୍କ ମୁଣ୍ଡରେ ଏକ କଠିନ ଚାଳର ଶକ୍ତ ଆଘାତ ଲାଗିଛି- ଭାରତ ସରକାର ରୂପକ ଚାଳ। 'ହ୍ୱାଟ୍‌ସଆପ୍' ସଦ୍ୟ ସଦ୍ୟ ଭାରତରେ ବ୍ୟବହାରକାରୀମାନଙ୍କ ପାଇଁ ସେମାନଙ୍କର ମୋବାଇଲ୍ ଫୋନ୍ ନମ୍ବର ପରିବର୍ତ୍ତେ ଏଣିକି 'ୟୁଜର ନେମ୍' ବା ଏକ ସ୍ୱତନ୍ତ୍ର ବ୍ୟବହାରକାରୀ ପରିଚୟ ବ୍ୟବହାର କରିବାକୁ ଯାଉଛି ବୋଲି ଘୋଷଣା କରିଥିଲା। ଭାରତ ସରକାର ତତ୍କ୍ଷଣାତ୍ 'ହ୍ୱାଟ୍‌ସଆପ୍'ର ମାତୃ-କଂପାନି 'ମେଟା'କୁ ଏକ ନୋଟିସ ଦେଇ ସରକାର ଏଥିପାଇଁ ଅନୁମତି ପ୍ରଦାନ ନ କରିବା ପର୍ଯ୍ୟନ୍ତ ଏଇ ନୂତନ ଫିଚର୍ ଭାରତରେ ଆରମ୍ଭ ନ କରିବା ପାଇଁ ତାକୁ ନିର୍ଦ୍ଦେଶ ଦେଇ ସାବଧାନ କରିଦେଇଛନ୍ତି। ସରକାର ଏଥିପାଇଁ 'ମେଟା'କୁ ଜବାବ ଦାଖଲ କରିବାକୁ ଦେଇଥିବା ତିନି ଦିନର ସମୟ ସୀମା ଇତିମଧ୍ୟରେ ଅତିକ୍ରାନ୍ତ ହୋଇଗଲା ପରେ ପୁଣି ଆଉ ତିନି ଦିନର ମହଲତ ଦେଇଛନ୍ତି। ସମଗ୍ର ପ୍ରସଙ୍ଗର ପୁଙ୍ଖାନୁପୁଙ୍ଖ ଅନୁଶୀଳନ ପରେ ସରକାର ଯାହା ନିର୍ଦ୍ଦେଶ ଦେବେ 'ହ୍ୱାଟ୍‌ସଆପ୍'କୁ ସେଇ ଅନୁସାରେ କାର୍ଯ୍ୟ କରିବାକୁ ହେବ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003

"ମହିଳା କାବ୍ୟ ମଚଂ" ଓ "କବି ଓ କବିତା" ପକ୍ଷରୁ ସାରସ୍ୱତ ସଭା

ସମ୍ବଲପୁର,୩୧/୧୦(ନି/ପ୍ର):"ମହିଳା କାବ୍ୟ ମଚଂ"ର ସମ୍ବଲପୁର ଶାଖା ଓ "କବି ଓ କବିତା" ଅନୁଷ୍ଠାନ ପକ୍ଷରୁ ସମ୍ବଲପୁର ସାମ୍ବାଦିକ ଭବନରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ମହିଳା କାବ୍ୟ ମଚଂର ସମ୍ବଲପୁର ଶାଖା ସଭାପତି ଶ୍ରୀମତୀ ସୁପ୍ରିୟା ପୁତୁଲ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡ. ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। "କବି ଓ କବିତା"ର ସଂଯୋଜକ ପ୍ରଫୁଲ୍ଲ ଦାସ ଓ ମହିଳା କାବ୍ୟ ମଚଂର ସମ୍ବଲପୁର ଶାଖା ସମ୍ପାଦିକା ଶ୍ରୀମତୀ ଭାରତୀ ପଣ୍ଡା ମଚାଂସୀନ ଥିଲେ। ପ୍ରଥମେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରୀମତୀ କଳ୍ପନା ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ପ୍ରଫୁଲ୍ଲ ଦାସ "କବି ଓ କବିତା" ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ସୁପ୍ରିୟା ପୁତୁଲ ଦାସ କହିଥିଲେ, ମହିଳା କାବ୍ୟ ମଚଂ ଜରିଆରେ ନାରୀଶକ୍ତି ମଧ୍ୟରେ ସାରସ୍ୱତ ଜାଗରଣ ସୃଷ୍ଟି କରିବା ଏବଂ ସମାଜ ସଂସ୍କାର ଦିଗରେ ମହିଳାଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ସଚେତନତା ବଢ଼ାଇବା ମଚଂର ମୂଳ ଉଦ୍ଦେଶ୍ୟ। ମୁଖ୍ୟ ଅତିଥି ଡ. ପାଣିଗ୍ରାହୀ କହିଥିଲେ, ମହିଳାମାନଙ୍କ ହୃଦୟ ଓ ମନୋସ୍ଥିତି ସଦା କୋମଳ ରହିବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କ ପ୍ରତିଭା ବିକଶିତ ହେବା ସହ ଲୋକାଦୃତ ହୋଇପାରିବ। ସାହିତ୍ୟ ସର୍ବଦା ସ୍ରଷ୍ଟାଙ୍କର ଏକ ସୃଜନାତ୍ମକ ସୃଷ୍ଟି ବୋଲି ସେ ମତ ଦେଇଥିଲେ। ସଭାରେ ଭବାନୀ ଶଙ୍କର ମେହେର, କମଳ ଲୋଚନ ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ଜୟକୃଷ୍ଣ ବେହେରା, କଳ୍ପନା ମହାପାତ୍ର, ସବିତା ମିଶ୍ର, ଅଳକା ମହାପାତ୍ର, ବିଦ୍ୟୁତଲତା ସାହୁ, ଶାନ୍ତିଲତା ପାଣ୍ଡେ, ପ୍ରଦୀପ ଯୋଶୀ ଓ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଭାରତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ରେଳ ଅଣ୍ଡରପାସ୍‌ରେ ଲୁଟ୍‌ପାଟ ଅଭିଯୋଗ

ଅଭିଯୋଗ ସତ୍ତ୍ୱେ ରେଳ ବିଭାଗର ତତ୍ପରତା ନାହିଁ କାହିଁକି ?

ସମ୍ବଲପୁର,୩୧/୧୦(ନି/ପ୍ର): ସମ୍ବଲପୁର-ଝାରସୁଗୁଡ଼ା ରାସ୍ତାର ଶାସନ ରେଳ ଷ୍ଟେସନର ଉଭୟ ପାର୍ଶ୍ୱରେ ନିର୍ମିତ ଦୁଇଟି ରେଳ ଅଣ୍ଡରପାସ୍‌ରେ ଯାତାୟାତ ଓ ସୁରକ୍ଷା ସମସ୍ୟା ନେଇ ଅଭିଯୋଗ ହୋଇଛି। ଏହି ସମସ୍ୟା ସମାଧାନ ପାଇଁ ରେଳ ବିଭାଗ ତୁରନ୍ତ ପଦକ୍ଷେପ ନେଉନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଭାଲୁବାହାଲସ୍ଥିତ ଜେଟି-୧୯ ରେଳ ଫାଟକ ବନ୍ଦ କରାଯାଇ ବିକଳ୍ପ ଭାବେ ନିର୍ମିତ ଏଲ୍‌ଏଚ୍‌ଏସ୍ ଅଣ୍ଡରପାସ୍‌ର ରାସ୍ତା ନିମ୍ନ ଓ ସଂକୀର୍ଣ୍ଣ ହୋଇଥିବା ଅଭିଯୋଗ ହୋଇଛି। ବର୍ଷସାରା ରାସ୍ତାରେ ପାଣି ଜମିବା, କାଦୁଅ ଓ ଖାଲଖମା ଯୋଗୁଁ ଯାତାୟାତରେ ଅସୁବିଧା ହେଉଛି। ଆଲୋକ ବ୍ୟବସ୍ଥା ନଥିବାରୁ ଅନ୍ଧାରରେ ଚୋରି ଓ ଲୁଟ୍‌ପାଟର ଆଶଙ୍କା ବଢୁଥିବା ମଧ୍ୟ ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ରାଣୀଖଣ୍ଡାସ୍ଥିତ ବ୍ରିଜ୍ ନମ୍ବର ୪୮କୁ ଚଉଡ଼ା କରାଯାଇଥିଲେ ମଧ୍ୟ ସେଠାରେ ଆଲୋକ ବ୍ୟବସ୍ଥା ନାହିଁ। ଫଳରେ ସେଠାରେ ଲୁଟ୍‌ପାଟ ଓ ମାଡ଼ପିଟ୍ ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଡିଆରଏମ୍‌ଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ପ୍ରତିକାରମୂଳକ ବ୍ୟବସ୍ଥା ହୋଇନଥିବା କୁହାଯାଇଛି। ଜନସାଧାରଣଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଭୟ ଅଣ୍ଡରପାସ୍‌ର ତ୍ରୁଟି ସୁଧାରିବା ସହ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ଶାସନ ଷ୍ଟେସନ ପରାମର୍ଶଦାତା କମିଟି ଓ ଆଚଂଳିକ ସଚେତନ ନାଗରିକ ମଚଂ ଦାବି କରିଛନ୍ତି। ମଚଂର ସଭାପତି, ସମାଜସେବୀ ତଥା ପ୍ରକୃତିବନ୍ଧୁ ଡକ୍ଟର ବଂଶୀଧର କର ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

ଭେଡ଼େନ ନଦୀରେ ୧୨୬ କୋଟିର ଜଳ ସଂରକ୍ଷଣ ପ୍ରକଳ୍ପକୁ ମଞ୍ଜୁରୀ

ଝାରସୁଗୁଡ଼ା,୩୧/୧୦(ନି/ପ୍ର): କୃଷକଙ୍କ ସମୃଦ୍ଧି ଓ କୃଷି କ୍ଷେତ୍ରର ବିକାଶ ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ। ରାଜ୍ୟରେ ସରକାର ଗଠନ ପରଠାରୁ କୃଷି ଓ କୃଷକଙ୍କ ଉନ୍ନତିକୁ ପ୍ରାଥମିକତା ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିସହ ଜଳ ସଂରକ୍ଷଣ ଓ ଜଳସେଚନ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଥିବା କହିଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ଏହି କ୍ରମରେ ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକ୍ ଅନ୍ତର୍ଗତ ସମାସିଂହା ପଂଚାୟତବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଭେଡ଼େନ ନଦୀ ଉପରେ ୧୨୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବୃହତ୍ ଜଳ ସଂରକ୍ଷଣ ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଟେଣ୍ଡର ମଧ୍ୟ ଆହ୍ୱାନ କରାଯାଇଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅଂଚଳରେ ଜଳସେଚନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଜଳ ସଂରକ୍ଷଣରେ ଉନ୍ନତି ଆସିବ। ଏହାଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ପାଇବା ସହ ଚାଷୀଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆସିବାର ଆଶା ରହିଛି।

ସାପ୍ତାହିକ ପାଠଚକ୍ରରେ 'ରେବତୀ' ଗଳ୍ପର ପ୍ରାସଙ୍ଗିକତା ଆଲୋଚିତ

ସମ୍ବଲପୁର,୩୧/୧୦(ନି/ପ୍ର): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ସାପ୍ତାହିକ ପାଠଚକ୍ର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ଆର.ପୁଷ୍ପାଞ୍ଜଳି 'ସାଂପ୍ରତିକ ସମୟରେ ରେବତୀ ଗଳ୍ପର ପ୍ରାସଙ୍ଗିକତା' ଶୀର୍ଷକରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ପାଠଚକ୍ରରେ ଶେଷ ବର୍ଷର ମୋନାଲିସା ବିଶ୍ୱାଳ, ଦ୍ୱିତୀୟ ବର୍ଷର ରୋଜାଲି ପ୍ରଧାନ ଓ ପ୍ରଥମ ବର୍ଷର ରାହୁଲ ବାଦୀ ପ୍ରବନ୍ଧ ପାଠ କରିଥିଲେ। ପାଠଚକ୍ର ସମ୍ପାଦିକା ଝୁମା ମାଝୀ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସହ-ସମ୍ପାଦିକା ଜ୍ୟୋତ୍ସ୍ନାମୟୀ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଖା ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଶେଷ, ଦ୍ୱିତୀୟ ଓ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନେ ପାଠଚକ୍ରରେ ଉପସ୍ଥିତ ଥିଲେ।

ବିଜେପି ଛାଡ଼ି ପୁଣି ବିଜେଡ଼ିକୁ ଫେରିଲେ ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ପଟୁଆ

ସମ୍ବଲପୁର,୩୧/୧୦(ନି/ପ୍ର): ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ପଟୁଆ ପୁଣିଥରେ ବିଜୁ ଜନତା ଦଳ (ବିଜେଡ଼ି)କୁ ଫେରିଛନ୍ତି। କିଛି ଦିନ ପୂର୍ବେ ବିଜେଡ଼ି ଛାଡ଼ି ବିଜେପିରେ ଯୋଗଦେଇଥିବା ସେ ଆଜି ବିଜେପି ଛାଡ଼ି ନିଜ ପୁରୁଣା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରମେଶ ପଟୁଆ ନିଜ ସମର୍ଥକଙ୍କ ସହ ବିଜେଡ଼ିରେ ପୁନଃ ଯୋଗଦେଇଥିଲେ। ଏହି ଅବସରରେ ସେ ବିଜେଡ଼ି ସୁପ୍ରିମୋ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବର୍ତ୍ତମାନର ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ନେତୃତ୍ୱ ଏବଂ ବିଜୁ ଜନତା ଦଳର ଆଦର୍ଶ ଉପରେ ଆସ୍ଥା ପ୍ରକଟ କରିଥିଲେ। ତାଙ୍କର ଏହି ଘରବାହୁଡ଼ାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ଯୋଗଦାନ କାର୍ଯ୍ୟକ୍ରମରେ ବିଜେଡ଼ିର ବରିଷ୍ଠ ନେତା ପ୍ରତାପ ଜେନା ଓ ଲେଲିନ ମହାନ୍ତିଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ଲଇକେରାରେ ଉଦ୍‌ଘାଟିତ ହେଲା ନୂତନ ଜେଏମ୍‌ଏଫ୍‌ସି କୋର୍ଟ

ଝାରସୁଗୁଡ଼ା, ୩୧/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ଲଇକେରା ବ୍ଲକ ସଦର ମହକୁମାରେ ଗୁରୁବାର ସିଭିଲ ଜୁନିୟର ଡିଭିଜନ ତଥା ଜୁଡିସିଆଲ ମାଜିଷ୍ଟ୍ରେଟ୍ ଫାଷ୍ଟ କ୍ଲାସ୍ (ଜେଏମ୍‌ଏଫ୍‌ସି) କୋର୍ଟ ଉଦ୍ଘାଟିତ ହୋଇଛି। କଟକସ୍ଥିତ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଭିଡିଓ କନଫରେନ୍ସିଂ ଜରିଆରେ ଏହି ନୂତନ କୋର୍ଟର ଉଦ୍ଘାଟନ କରିଥିଲେ। ଏହି ଅବସରରେ ହାଇକୋର୍ଟର ପ୍ରଶାସନିକ ବିଚାରପତି ଏମ୍.ଏସ୍. ରମନ ମଧ୍ୟ ଉପସ୍ଥିତ ଥିଲେ। ଲଇକେରାରେ ନୂତନ ନ୍ୟାୟାଳୟ ପ୍ରତିଷ୍ଠା ହେବା ଫଳରେ ଅଂଚଳବାସୀଙ୍କୁ ନ୍ୟାୟିକ ସେବା ପାଇବାରେ ସୁବିଧା ହେବା ସହ ନ୍ୟାୟ ପ୍ରକ୍ରିୟା ଅଧିକ ସହଜ ହେବ ବୋଲି ଆଶା କରାଯାଉଛି। ଉଦ୍ଘାଟନୀ ଉତ୍ସବରେ ଝାରସୁଗୁଡ଼ା ଜିଲ୍ଲା ଜଜ୍ ପ୍ରଶାନ୍ତ କୁମାର ନାଏକ, ଜିଲ୍ଲା ଓକିଲ ସଂଘର ସଭାପତି ରଘୁମଣି ପଟେଲ, ଏସ୍‌ଡିପିଓ ଉମାଶଙ୍କର ସିଂ, ଲଇକେରା ବିଡିଓ, ତହସିଲଦାର, ଥାନା ଅଧିକାରୀ (ଆଇଆଇସି) ଏବଂ ବ୍ଲକ ଅଧ୍ୟକ୍ଷ ସଞ୍ଜିତ ନାଏକ ଯୋଗ ଦେଇଥିଲେ। ଏହାବ୍ୟତୀତ ଟଙ୍କଧର ନାଏକ, ହରେକୃଷ୍ଣ ନାଏକ, ପ୍ରେମସାଗର ବେହେରା, ସୁରେନ୍ଦ୍ର ପଟେଲ, ଓକିଲ ରଜତ ନାଏକ, ବୀରେନ୍ଦ୍ର ଗନ୍ଧା, ହେମସାଗର ବେହେରାଙ୍କ ସମେତ ଅନ୍ୟ ଆଇନଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଏପିପି ବିଘ୍ନେଶ୍ୱର ଚାନ୍ଦ ମଧ୍ୟ ଉପସ୍ଥିତ ଥିଲେ। ଲଇକେରା ଅଂଚଳରେ ନୂତନ କୋର୍ଟ ପ୍ରତିଷ୍ଠାକୁ ନେଇ ସ୍ଥାନୀୟ ଅଂଚଳରେ ଖୁସି ପ୍ରକାଶ ପାଇଛି।

'ସତର୍କତା ସଚେତନତା ସପ୍ତାହ' ପାଳନ ଅବସରରେ ନୁକ୍କଡ଼ ନାଟକ ପରିବେଷଣ

ସମ୍ବଲପୁର,୩୧/୧୦(ନି/ପ୍ର): ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ 'ସତର୍କତା ସଚେତନତା ସପ୍ତାହ-୨୦୨୬' ପାଳନ ଅବସରରେ ସ୍ଥାନୀୟ ଡିଆର୍‌ଏମ୍ କାର୍ଯ୍ୟାଳୟ ପରିସରର 'ପ୍ରଗତି ଧାରା' ଠାରେ 'ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ' ଦ୍ୱାରା ଏକ ନୁକ୍କଡ଼ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସାର୍ବଜନୀନ ସେବାରେ ସଚ୍ଚୋଟତା, ସ୍ୱଚ୍ଛତା ଏବଂ ନୈତିକ ଆଚରଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା। ଏକ ଆକର୍ଷଣୀୟ ନାଟ୍ୟ ଉପସ୍ଥାପନା ମାଧ୍ୟମରେ, କଳାକାରମାନେ ବୃତିଗତ ତଥା ସାର୍ବଜନୀନ ଜୀବନରେ ସଚ୍ଚୋଟତା ଏବଂ ଉତର ଦାୟିତ୍ୱ ବଜାୟ ରଖିବାର ମହତ୍ୱକୁ ଉପସ୍ଥାପନ କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ରେଳ ମଣ୍ଡଳର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହ ଏହି କାର୍ଯ୍ୟକ୍ରମ ଦେଖିଥିଲେ। ସେମାନେ ଏକ ପ୍ରଭାବଶାଳୀ ଏବଂ ଆକର୍ଷଣୀୟ ମାଧ୍ୟମ ଜରିଆରେ ସଚେତନତା ପ୍ରସାର କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପର ପ୍ରଶଂସା କରିଥିଲେ। 'ସତର୍କତା ସଚେତନତା ସପ୍ତାହ' ଅବସରରେ ରେଳ କର୍ମଚାରୀଙ୍କ ମଧ୍ୟରେ ସଚ୍ଚୋଟତା, ନୈତିକତା ଏବଂ ଉତରଦାୟିତ୍ୱ ଭଳି ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ମଣ୍ଡଳ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରୟାସର ଏହା ଏକ ଅଂଶ ଥିଲା ବୋଲି ମତ ପ୍ରକାଶ ପାଇଛି।

ରାସ୍ତା ଉପରେ ଜମୁଛି ପାଣି, ଡ୍ରେନ୍ ଖାଲି, ନିର୍ମାଣ କାର୍ଯ୍ୟକୁ ନେଇ ଉଠିଲା ପ୍ରଶ୍ନ

ଭଦ୍ରକ,୩୧/୧୦(ନି/ପ୍ର):ଭଦ୍ରକର ଆଖଣ୍ଡଳମଣୀ ରାସ୍ତା ଉପରେ ବର୍ଷା ଜଳ ଜମା ହେଉଥିବା ବେଳେ ପାଖରେ ଥିବା ଡ୍ରେନ୍ ଖାଲି ପଡ଼ିଛି। ଏଭଳି ସ୍ଥିତିକୁ ନେଇ ରାସ୍ତା ନିର୍ମାଣ କାର୍ଯ୍ୟ ଓ ଜଳ ନିଷ୍କାସନ ବ୍ୟବସ୍ଥାର ଯୋଜନାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ସମ୍ପୃକ୍ତ ଠିକାଦାରଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ଉପରେ ପାଣି ଜମି ରହିବା ଫଳରେ ସାଧାରଣ ଲୋକ, ଦୁଇଚକିଆ ଯାନ ଚାଳକ ଓ ଅନ୍ୟ ଯାତ୍ରୀମାନେ ଦୁର୍ଘଟଣାର ଆଶଙ୍କାରେ ରହୁଛନ୍ତି। ଅନ୍ୟପଟେ ଡ୍ରେନ୍ ଥାଇ ମଧ୍ୟ ପାଣି ନିଷ୍କାସନ ହେଉନଥିବା ଘଟଣା ନିର୍ମାଣ କାର୍ଯ୍ୟର ଗୁଣବତା ଓ ଯୋଜନାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଏହି ଡ୍ରେନେଜ୍ ବ୍ୟବସ୍ଥାର ଡିଜାଇନ୍ କିଏ ପ୍ରସ୍ତୁତ କରିଥିଲେ। ଯୋଜନାକୁ କିଏ ଅନୁମୋଦନ ଦେଇଥିଲେ। ଉପଯୁକ୍ତ ଜଳ ନିଷ୍କାସନ ଓ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ ନକରି କିପରି ଏନ୍‌ଓସି ଦିଆଗଲା। ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଠୁଛି। ଜନସାଧାରଣଙ୍କ ଟିକସ ଅର୍ଥରେ ରାସ୍ତା ଓ ଡ୍ରେନ୍ ଭଳି ଭିତିଭୂମି ନିର୍ମାଣ ହେଉଥିବାରୁ ଏହାର ଉଦ୍ଦେଶ୍ୟ କେବଳ ନିର୍ମାଣ କାର୍ଯ୍ୟ ଶେଷ କରିବା ନୁହେଁ, ବରଂ ସୁରକ୍ଷିତ ଯାତାୟାତ ଓ ଉପଯୁକ୍ତ ଜଳ ନିଷ୍କାସନ ସୁନିଶ୍ଚିତ କରିବା। ତେଣୁ ଏହି ଅବ୍ୟବସ୍ଥା ପାଇଁ କେଉଁ ଅଧିକାରୀ କିମ୍ବା ସଂସ୍ଥା ଦାୟୀ, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ଦାବି ହେଉଛି।

କଣ୍ଠଶିଳ୍ପୀ ବସନ୍ତ ଜେନାଙ୍କ ପରଲୋକ

ଭଦ୍ରକ,୩୧/୧୦(ନି/ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ ବି.ଟି.ପୁର ପଚାଂୟତ ନୂଆପୋଖରୀ ଗ୍ରାମର କଣ୍ଠଶିଳ୍ପୀ ବସନ୍ତ ଜେନା(୬୨)ଙ୍କ ପରଲୋକ ଘଟିଛି। ସେ ଦୀର୍ଘମାସ ହେବ ହାର୍ଟ ଓ କିଡ଼ିନି ରୋଗରେ ପିଡ଼ିତ ଥାଇ କଟକରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ଖବରପାଇ ପୂର୍ବତନ ସରପଚଂ ସତ୍ୟବାନ ଦାସ,ଜୟଦେବ ସିଂହ,ସାମାଜିକ କର୍ମୀ ସୁବାଷ ଚନ୍ଦ୍ର ଦାସ,ସ୍ମୃତି ରଞ୍ଜନ ମଲ୍ଲିକ,ଗୌତମ ଜେନା,ଘନଶ୍ୟାମ ମଲ୍ଲିକ ପ୍ରମୁଖ ପରିବାର ବର୍ଗଙ୍କୁ ସମବେଦନା ଜଣାଇ ଶବ ଶୋଭା ଯାତ୍ରାରେ ସାମିଲ ଥିଲେ। ବଡ଼ପୁଅ ଶଶିକାନ୍ତ ଜେନା ମୁଖାଗ୍ନି ଦେଇଥିଲେ। ସେ କଣ୍ଠଶିଳ୍ପୀ ଭାବେ ସମ୍ପୃକ୍ତ ଅଚଂଳରେ ପରିଚିତ ଥିଲେ।

ପିଏମ୍ କିଷାନରେ ସମ୍ବଲପୁରର ୬୧,୮୩୪ରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ

ସମ୍ବଲପୁର,୩୧/୧୦(ନି/ପ୍ର): ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି (ପିଏମ୍ କିଷାନ) ଯୋଜନାରେ ସମ୍ବଲପୁର ଜିଲ୍ଲାର ୬୧,୮୩୪ରୁ ଉର୍ଦ୍ଧ୍ୱ ଯୋଗ୍ୟ ଚାଷୀଙ୍କୁ କିସ୍ତି ପିଛା ୨,୦୦୦ ଟଙ୍କା ହିସାବରେ ମୋଟ ୧୨.୩୬ କୋଟି ଟଙ୍କାରୁ ଅଧିକ ସହାୟତା ପ୍ରଦାନ କରାଯିବ। ଏହି ଅର୍ଥ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ହସ୍ତାନ୍ତର ହେବ। କେନ୍ଦ୍ର ସରକାର ୨୦୧୯ ଫେବୃଆରୀରେ କୃଷକଙ୍କ ଆର୍ଥିକ ସହାୟତା ଓ କଲ୍ୟାଣ ପାଇଁ ଏହି ଯୋଜନା ଆରମ୍ଭ କରିଥିଲେ। ଯୋଜନା ଅନୁଯାୟୀ, ଯୋଗ୍ୟ କୃଷକଙ୍କୁ ବର୍ଷକୁ ୬,୦୦୦ ଟଙ୍କା ତିନିଟି ସମାନ କିସ୍ତିରେ ଦିଆଯାଏ। ବିହନ, ସାର, କୀଟନାଶକ ଓ କୃଷି ଯନ୍ତ୍ରପାତି କିଣିବା ସହ ଘରୋଇ ଆବଶ୍ୟକତା ପୂରଣରେ ଏହି ସହାୟତା ଚାଷୀଙ୍କ କାମରେ ଆସେ। ଇ-କେୱାଇସି, ଜମିଜମା ବିବରଣୀ, ଆଧାର ସହ ବ୍ୟାଙ୍କ ଖାତା ଲିଙ୍କ୍ ଏବଂ ଆଧାର ଅନୁଯାୟୀ ନାମ ସଂଶୋଧନ ଭଳି ଆବଶ୍ୟକତା ପୂରଣ କରିଥିବା ହିତାଧିକାରୀମାନେ ଏହି ସହାୟତା ପାଇବେ। ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଯୋଗୁଁ ଅର୍ଥ ହସ୍ତାନ୍ତରରେ ସ୍ୱଚ୍ଛତା ରହୁଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସମେତ ସାଂସଦ ପ୍ରତିନିଧି ମିତ୍ରଭାନୁ ପ୍ରଧାନ, ସିଡିଏଓ ସତ୍ୟବାନ ସୋରେନ, ଡିଡିଏଚ୍ ଗୋବିନ୍ଦ ପଣ୍ଡା, ଡିଏଫ୍‌ଓ ପୁଲିନ ମହାନ୍ତି ଏବଂ ପିଡି ୱାଟରସେଡ୍ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ମଦ ବେପାର ରୋକିବାକୁ ପୋଲିସକୁ ଗୁହାରି କଲା ମହିଳା ସଙ୍ଗଠନ

ସମ୍ବଲପୁର,୩୧/୧୦(ନି/ପ୍ର): ଦୀର୍ଘ ଦିନର ବ୍ୟବଧାନ ପରେ ଏବେ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଚିଣ୍ଡା, ବାମରା ଓ ଜମନକିରା ଅଚଂଳର ବିଭିନ୍ନ ଗାଁ ଗଣ୍ଡା ଠୁଁ ନେଇ ଛକ ବଜାର ଚାରିଆଡ଼େ ଧୂଳାଉଡା ବେଆଇନ ମଦ ବିକ୍ରି ହେବା ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷର କାରଣ ପାଲଟିଛି। ଘରର ମୁରବୀ ଠୁଁ ନେଇ ଅନ୍ୟ ସଦସ୍ୟ ମଦ ପିଇ ଘରକୁ ଫେରିବା ପରେ ପ୍ରତ୍ୟେକ ପରିବାରରେ ବଢ଼ି ଚାଲିଛି ଅଶାନ୍ତକର ବାତାବରଣ। ବାରମ୍ବାର ଏ ସମ୍ପର୍କରେ ଅବକାରୀ ବିଭାଗରେ ଅଭିଯୋଗ କଲେ ବି କୌଣସି ଆଶାନୁରୂପ ସୁଫଳ ନମିଳିବା ପରେ ଶେଷରେ ବିଭିନ୍ନ ଗ୍ରାମାଂଚଳର ମହିଳା ସଙ୍ଗଠନ ଏବେ ଏଥିରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସର ସହଯୋଗ ଲୋଡିଥିବା ଜଣାପଡିଛି। ଆଜି ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଉପଖଣ୍ଡରେ ବିଭିନ୍ନ ମହିଳା ସଂଗଠନ ଏ ସମ୍ପର୍କରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଉପଜିଲ୍ଲାପାଳ ଓ ଅବକାରୀ ବିଭାଗକୁ ଲିଖିତ ଅଭିଯୋଗ ଦେବା ପରେ ମଧ୍ୟ ସମସ୍ୟାର ସମାଧାନ ହେଉନଥିବାରୁ ଏବେ ପୋଲିସ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି ମହିଳା ସଙ୍ଗଠନର ସଦସ୍ୟାମାନେ। କୁଚିଣ୍ଡା, ଜମନକିରା ଓ ବାମରା ଅଂଚଳରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଓ ଦେଶୀ ମଦ ଭାଟି ରହିଥିବା ସତ୍ତ୍ୱେ ଗ୍ରାମାଂଚଳରେ କୁଚିଆଙ୍କ ମାଧ୍ୟମରେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଗାଁ ଗାଁରେ ଅଧିକ ଦାମରେ ବହୁଳ ମଦ କାରବାର ହେଉଥିବା ଯୋଗୁଁ ଏହା କେଉଁଠୁ ଆସୁଛି ଏବଂ କିଏ ଯୋଗାଉଛି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମହିଳା ସଂଗଠନ ଗୁଡ଼ିକ ରୋକଠୋକ ଦାବି କରିଛନ୍ତି। ଲାଇସେନ୍ସପ୍ରାପ୍ତ ଦୋକାନରୁ ମଦ ନେଇ ଅନଧିକୃତ ଭାବେ ବିକ୍ରି କରାଯାଉଛି କି ନାହିଁ, ତାହା ମଧ୍ୟ ଯାଂଚ କରିବାକୁ ଦାବି ହୋଇଛି। ବାମରା ବ୍ଲକର କେଶେଇବାହାଲ ଅଂଚଳରେ କିଛିଦିନ ପୂର୍ବରୁ ଜଣେ ମହିଳା ନିଜ ସ୍ୱାମୀଙ୍କ ନିୟମିତ ମଦ୍ୟପାନକୁ ବିରୋଧ କରି ରାସ୍ତାରେ ବସି ଆନ୍ଦୋଳନ କରିଥିବା ଘଟଣା ସେତେବେଳେ ବେଶ୍ ଚର୍ଚ୍ଚାକୁ ଆସିଥିଲା। ଏହା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇନଥିବା ଅଭିଯୋଗ ହେଉଛି। କୁଚିଣ୍ଡା ବ୍ଲକର ମହୁଲଡିହି ଗ୍ରାମର ଜଣେ ମହିଳାଙ୍କ କହିବା ଅନୁଯାୟୀ,ଗାଁ ଗଳିକନ୍ଦିରେ ମଦ ବିକ୍ରି ଯୋଗୁଁ ଲୋକଙ୍କ ଭିଡ଼ ଜମୁଛି। ମଦ୍ୟପାନ କରି ଘରକୁ ଫେରୁଥିବା କେତେକ ବ୍ୟକ୍ତିଙ୍କ ଯୋଗୁଁ ପରିବାରରେ ଅଶାନ୍ତି ବଢୁଛି। ସେହିପରି ଜମନକିରା ବ୍ଲକର ଡିମିରିମୁଣ୍ଡା ଅଂଚଳର ଜଣେ ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଏନେଇ ଅନେକ ଥର ଉପଜିଲ୍ଲାପାଳ ଓ ଅବକାରୀ ବିଭାଗକୁ ଜଣାଇଥିଲେ ମଧ୍ୟ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ତେଣୁ ପୋଲିସ ପ୍ରଶାସନ ଗ୍ରାମାଂଚଳରେ ପାଟ୍ରୋଲିଂ ବଢ଼ାଇବା ସହ ବେଆଇନ ମଦ ବିକ୍ରି ଅଭିଯୋଗର ତଦନ୍ତ କରୁ ବୋଲି ସେ ଦାବି କରିଛନ୍ତି। ମହିଳା ସଂଗଠନ ଗୁଡ଼ିକର ଦାବି, ଅବକାରୀ ବିଭାଗ ଓ ପୋଲିସ ମିଳିତ ଭାବେ ଯାଂଚ କରି ମଦ ଯୋଗାଣର ଉତ୍ସ ଚିହ୍ନଟ କରନ୍ତୁ। ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉ। ଏବେ ପ୍ରଶ୍ନ ଉଠୁଛି, ବାରମ୍ବାର ଅଭିଯୋଗ ପରେ ମଧ୍ୟ ମଦ କାରବାର ନିୟନ୍ତ୍ରଣକୁ ଆସୁନଥିବାରୁ ପ୍ରଶାସନ କେବେ ଏବାବଦରେ ଠୋସ୍ ପଦକ୍ଷେପ ଗ୍ରହଣ କରିବ ତାକୁ ନେଇ ଉଠିଛି ପ୍ରଶ୍ନବାଚୀ।

ରାଉରକେଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଦୁର୍ନୀତିମୁକ୍ତ ଶାସନର ବାର୍ତ୍ତା ପ୍ରସାର ପାଇଁ ଦୁର୍ନୀତି ନିବାରଣ ସପ୍ତାହରେ ଆହ୍ୱାନ

ରାଉରକେଲା,୩୧/୧୦(ନି/ପ୍ର): ସାର୍ବଜନୀନ ଜୀବନରେ ସଚ୍ଚୋଟତା, ସାଧୁତା, ସ୍ୱଚ୍ଛତା ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ରାଉରକେଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା ସପ୍ତାହ ପାଳନ କରାଯାଉଛି । ଦୁର୍ନୀତି ବିରୋଧରେ ଲଢ଼ିବା ସହିତ ସମାଜରେ ନୈତିକ ମୂଲ୍ୟବୋଧକୁ ବଜାୟ ରଖିବାର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ଆଜି ରାଉରକେଲା ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଦୁର୍ନୀତି ନିବାରଣ ବିଭାଗ ଅଧିକ୍ଷକ ହରେକୃଷ୍ଣ ମାଝୀଙ୍କ ନେତୃତ୍ୱରେ ରାଉରକେଲା ମହାନଗର ନିଗମ(ଜଗଉ) କାର୍ଯ୍ୟାଳୟରୁ ଏହି ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ଭିଜିଲାନ୍ସ ଅଧିକାରୀ ଏବଂ କର୍ମଚାରୀମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରି ସଚ୍ଚୋଟତାର ବାର୍ତ୍ତା ଦେବା ସହିତ ନାଗରିକମାନଙ୍କୁ ଦୁର୍ନୀତି ବିରୁଦ୍ଧରେ ସାମୂହିକ ଭାବରେ ଠିଆ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଶୋଭାଯାତ୍ରାରେ ସାଧାରଣ ପ୍ରଶାସନରେ ସ୍ୱଚ୍ଛତା ବଜାୟ ରଖିବା, ସଚ୍ଚୋଟତାର ସହିତ ସରକାରୀ ଦାୟିତ୍ୱ ନିର୍ବାହ କରିବା ଏବଂ ଦୁର୍ନୀତି କିମ୍ବା ଅନୁଚିତ ପ୍ରଭାବ ବିନା ସରକାରୀ ସେବା ଯୋଗାଇବା ନିଶ୍ଚିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ଅଭିଯାନର ବ୍ୟାପକ ଉଦ୍ଦେଶ୍ୟକୁ ସମ୍ବୋଧିତ କରି ଏହି ପଦକ୍ଷେପ ନାଗରିକମାନଙ୍କ ମଧ୍ୟରେ ଦୁର୍ନୀତି ରୋକିବାରେ ସେମାନଙ୍କର ଭୂମିକା ବିଷୟରେ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । କେବଳ ସରକାରୀ କର୍ମଚାରୀମାନେ ନୁହେଁ ବରଂ ସମାଜର ପ୍ରତ୍ୟେକ ବର୍ଗଙ୍କ ଦ୍ୱାରା ସଚ୍ଚୋଟତା ଏବଂ ଦାୟିତ୍ୱବୋଧତା ପାଳନ କରାଯିବା ଉଚିତ୍ ବୋଲି ଆହ୍ୱାନ ଦିଆଯାଇଛି । ଏହିପରି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ, ଦୁର୍ନୀତି ନିବାରଣ ବିଭାଗ ଦୁର୍ନୀତି ବିରୁଦ୍ଧରେ ଲଢ଼େଇରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହିତ ସ୍ୱଚ୍ଛ ଏବଂ ଦାୟିତ୍ୱବୋଧତାପୂର୍ଣ୍ଣ ଶାସନ ପ୍ରତି ଲୋକଙ୍କ ବିଶ୍ୱାସକୁ ମଜବୁତ କରିବା ଲକ୍ଷ୍ୟ ରଖାଯାଇଛି । ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସଚେତନତା ସପ୍ତାହ ପାଳନ ଏହି ବାର୍ତ୍ତାକୁ ପୁନଃନିର୍ଦ୍ଦିଷ୍ଟ କରିଛି ଯେ ଦୁର୍ନୀତିମୁକ୍ତ ଶାସନ ଏକ ମିଳିତ ଦାୟିତ୍ୱ । ଏକ ନିରପେକ୍ଷ ଓ ଦାୟିତ୍ୱବୋଧତାପୂର୍ଣ୍ଣ ସମାଜ ଗଠନ ପାଇଁ ସଚ୍ଚୋଟତା ଏବଂ ନୀତିନିଷ୍ଠତା ପ୍ରତି ସାମୂହିକ ପ୍ରତିବଦ୍ଧତା ଅପରିହାର୍ଯ୍ୟ ବୋଲି ଆଜିର ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଆହ୍ୱାନ ଦିଆଯାଇଛି ।

ମୁନିସିପାଲ କଲେଜରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

ରାଉରକେଲା,୩୧/୧୦(ନି/ପ୍ର): ରାଉରକେଲା ମ୍ୟୁନିସିପାଲ କଲେଜ ପରିସରରେ ଏକ ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା କଲେଜର ଅଧ୍ୟକ୍ଷ ହରିହର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା ଦିବ୍ୟଶାନ୍ତି ବିଲୁଙ୍ଗ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ନିର୍ବାଣ ନିଶା ନିବାରଣ କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶକ ବିବେକ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ, ମାନସିକ ଚାପ, ଚିନ୍ତା ଏବଂ ଏହାର ନିରାକରଣ ସମ୍ପର୍କରେ ସଚେତନ କରାଇଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ମାନସିକ ସମସ୍ୟାକୁ ଲୁଚାଇ ନ ରଖି ଆବଶ୍ୟକ ସମୟରେ ପରିବାର, ଶିକ୍ଷକ ଓ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ପରାମର୍ଶ ଦେଇଥିଲେ । କର୍ମଶାଳାରେ ଇଂରାଜୀ ବିଭାଗର ଅଧ୍ୟାପିକା ଚନ୍ଦ୍ରଲେଖା ପଣ୍ଡା ଉପସ୍ଥିତ ଥିବାବେଳେ ଜୁଲୋଜି ବିଭାଗର ଲାବ୍ ଆସିଷ୍ଟାଂଟ ଅଜିତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କଲେଜର ଯୁକ୍ତ ୩ ଶ୍ରେଣୀର ବହୁ ଛାତ୍ରଛାତ୍ରୀ ଏହି କର୍ମଶାଳାରେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଉପାଦେୟ ତଥ୍ୟ ହାସଲ କରିଥିଲେ । ଏଭଳି ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିକ ସୁସ୍ଥତା ଓ ସକାରାତ୍ମକ ଚିନ୍ତାଧାରା ବିକାଶରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା ।

ଲୁଡ୍‌କୀ ନଦୀ ଛଠ୍ ଘାଟ ପରିଦର୍ଶନ କଲେ ବିଧାୟକ

ବୀରମିତ୍ରପୁର,୩୧/୧୦(ନି/ପ୍ର): ପବିତ୍ର ଛଠ୍ ପୂଜା-୨୦୨୬ କୁ ଆଖି ଆଗରେ ରଖି ବୀରମିତ୍ରପୁର ବିଧାୟକ ଶ୍ରୀ ରୋହିତ ଯୋସେଫ ତିର୍କୀ ଆଜି କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଲୁଡ୍‌କୀ ନଦୀ ଛଠ୍ ଘାଟ ର ସ୍ଥିତି ପରିଦର୍ଶନ କରିଛନ୍ତି । ଏହି ଘାଟ ହେଉଛି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ସବୁଠାରୁ ବଡ ଛଠ୍ ଘାଟ, ଯେଉଁଠି ହଜାର ହଜାର ମା' ବୋନ ଛଠ୍ ବ୍ରତ କରନ୍ତି । ପରିଦର୍ଶନ ବେଳେ ଘାଟରେ ଘାସ, ଅପରିଷ୍କାର ଏବଂ ପହଂଚ ରାସ୍ତା ଖରାପ ଥିବା ଦେଖି ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ପୂର୍ବରୁ ବିଧାୟକ ପ୍ରଶାସନକୁ ଚିଠି ଲେଖିଛନ୍ତି: ପତ୍ର ନଂ: ବିଆରଏମପି/୨୦୨୬/୧୬୬, ତା: ୩୦/୧୦/୨୦୨୬ ରେ ବିଧାୟକ କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା ବ୍ଲକର ବିଡିଓ ଏବଂ ବୀରମିତ୍ରପୁର ପୌରପାଳିକାର ଋଡ ଙ୍କୁ ତୁରନ୍ତ ସମସ୍ତ ଛଠ୍ ଘାଟ ସଫା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦାବି ଗୁଡିକ ହେଲା ୧. ଲୁଡ୍‌କୀ ନଦୀ ସମେତ ସମସ୍ତ ଘାଟର ସଫେଇ, ବାଲି ଭର୍ତ୍ତି ଓ ସମତଳୀକରଣ, ୨. ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ବାରିକେଡିଂ, ୩. ଅସ୍ଥାୟୀ ଲାଇଟ୍, ପିଇବା ପାଣି, ଚେଞ୍ଜିଂ ରୁମ୍, ୪. ପୋଲିସ, ଲାଇଫ୍ ଗାର୍ଡ ଓ ମେଡିକାଲ ଟିମ୍ ନିୟୋଜନ ।ପରିଦର୍ଶନ ସମୟରେ ବିଧାୟକଙ୍କ ସହ ବୀରମିତ୍ରପୁର ମୁନିସିପାଲିଟି ର କାର୍ଯ୍ୟନିର୍ବାହୀ ଅଧିକାରି ୟାଶିର ବିଲାଲ, ବିଧାୟକ ପ୍ରାର୍ଥନିଧି ଶଶି ସାଗର, ଜଗଦୀଶ ଅଗ୍ରୱାଲ ସ୍ଥାନୀୟ ସରପଚଂ, ଛଠ୍ ପୂଜା କମିଟିର ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ବିଧାୟକ କହିଛନ୍ତି - 'ଲୁଡ୍‌କୀ ନଦୀ ଘାଟ ଆମ ଅଚଂଳର ଆସ୍ଥାର କେନ୍ଦ୍ର । ଛଠ୍ ପୂଜାର ୨ ଦିନ ପୂର୍ବରୁ ଏହାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାକୁ ପ୍ରଶାସନକୁ କଡା ନିର୍ଦ୍ଦେଶ ଦିଆଯାଇଛି । ମା' ବୋନମାନେ ଯେପରି କୌଣସି ଅସୁବିଧା ବିନା ପୂଜା କରିପାରିବେ, ସେଥିପାଇଁ ମୁଁ ନିଜେ ଫିଲ୍ଡରେ ଅଛି ।' ଏହାର ନକଲ ସୁନ୍ଦରଗଡ ଜିଲ୍ଲାପାଳ ଓ ଏସ୍.ପି ଙ୍କୁ ଦିଆଯାଇଛି ।

ବଡ଼ ଅପରାଧିକ ଘଟଣା ପଣ୍ଡ କଲା ପୋଲିସ୍

ଅସ୍ତ୍ରଶସ୍ତ୍ର ଉଦ୍ଧାର ବେଳେ ଏକେ-୫୬ ରାଇଫଲ୍ ସହ କାର୍ବାଇନ୍ ଜବତ

ବୀରମିତ୍ରପୁର,୩୧/୧୦(ନି/ପ୍ର): ପୋଲିସର ସତର୍କତା ଏବଂ ସମୟୋଚିତ ହସ୍ତକ୍ଷେପ ଯୋଗୁଁ ଏକ ବଡ଼ ଅପରାଧିକ ଘଟଣାକୁ ଏଡାଇ ଦିଆଯାଇଛି । ଏହି ଅପରାଧିକ ଘଟଣାରେ ଏକେ-୫୬ ରାଇଫଲ୍ ଏବଂ ଏକ କାର୍ବାଇନ୍ ସମେତ ଅତ୍ୟାଧୁନିକ ବନ୍ଧୁକରେ ସଜ୍ଜିତ ଏକ ସନ୍ଦିଗ୍ଧ ଅପରାଧୀ ଦଳକୁ ପୋଲିସ ଅଟକାଇଛି । ଘଟଣାରେ ରୋହିତ ଶର୍ମା ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ଅନ୍ୟ ଚାରି ଜଣ ଖସିଯିବାରେ ସଫଳ ହୋଇଛନ୍ତି । ସୂତ୍ର ଅନୁଯାୟୀ, ଗୁମଲା ପୋଲିସ ସୂଚନା ପାଇଥିଲା ଯେ ଚାରିରୁ ୫ ଜଣ ଯୁବକ ଏକ ଲାଲ ମାରୁତି ୱାଗନ୍ କାରରେ ବନ୍ଧୁକ ଧରି ଯାତ୍ରା କରୁଛନ୍ତି । ସୂଚନା ପାଇବା ପରେ ପୋଲିସ୍ ପକ୍ଷରୁ ଗାଡ଼ିକୁ ପିଛା କରାଯାଇଥିଲା । ଗାଡିକୁ ଅଟକାଇବା ପାଇଁ ପୋଲିସ ପକ୍ଷରୁ ଅଭିଯାନ ଆରମ୍ଭ କରାଯାଇଥିଲା । ପୋଲିସ୍ କାର୍ଯ୍ୟାନୁଷ୍ଠାନ ସମୟରେ ଚାରି ଜଣ ଅଭିଯୁକ୍ତ ଖସିଯିବାରେ ସଫଳ ହୋଇଥିଲେ । ଅଭିଯୁକ୍ତ ରୋହିତ ଶର୍ମାଙ୍କୁ ଗିରଫ କରାଯାଇଥିଲା । ଗାଡ଼ିର ତଲାସୀ ସମୟରେ ପୋଲିସ ଏକ ଏକେ-୫୬ ରାଇଫଲ୍, ୩୪ ରାଉଣ୍ଡ ଗୁଳି, ଗୋଟିଏ କାର୍ବାଇନ୍ ଏବଂ ପତ୍ରିକା ଜବତ କରିଥିଲା । ପୋଲିସ ପକ୍ଷରୁ ଚାରି ଜଣ ପଳାତକ ଅଭିଯୁକ୍ତଙ୍କୁ ଖୋଜିବା ଏବଂ ଗିରଫ କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି । ଏହି ଗୋଷ୍ଠୀ ଏତେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବହନ କରିବା ପଛରେ ଉଦ୍ଦେଶ୍ୟ ଅସ୍ପଷ୍ଟ ରହିଛି ଏବଂ ଏହାର ତଦନ୍ତ କରାଯାଉଛି । ତଦନ୍ତ ଆଗକୁ ବଢ଼ିବା ସହିତ ଆହୁରି ବିବରଣୀ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି ।

ଇଚ୍ଛାପୁରରେ ଓରିଏଂଟାଲ ଇନସୁରାନ୍ସର ଏଜେଂଟ ଏକ୍ସପ୍ରେସ ଡିଜିଟାଲ କର୍ନର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୩୧/୧୦: ସ୍ଥାନୀୟ ଇଚ୍ଛାପୁର ଅଂଚଳରେ ଶୁକ୍ରବାର ପୂର୍ବାହ୍ନ ୧୨ଟା ସମୟରେ ଓରିଏଟାଂଲ ଇନସୁରାନ୍ସ କମ୍ପାନୀ ପକ୍ଷରୁ ଏକ ନୂତନ 'ଏଜେଂଟ ଏକ୍ସପ୍ରେସ ଡିଜିଟାଲ କର୍ନର' ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି । କମ୍ପାନୀର ନିୟମ ଅନୁସାରେ ଏହି ଡିଜିଟାଲ ସେବା କେନ୍ଦ୍ର ପରିଚାଳନା ପାଇଁ ସ୍ଥାନୀୟ ଅଧିବାସୀ କମଳ ଲୋଚନ ଦାସଙ୍କୁ ମନୋନୀତ କରାଯାଇଛି । ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ ସାଧାରଣ ଲୋକଙ୍କୁ ବୀମା ସମ୍ପର୍କିତ ସେବା ପାଇବା ନିମନ୍ତେ ଆଉ ବାରମ୍ବାର ଦୂରଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ । ଏହି ଡିଜିଟାଲ କର୍ନର ମାଧ୍ୟମରେ ସ୍ଥାନୀୟ ଜନସାଧାରଣ ନିଜ ନିଜର ମୋଟରସାଇକେଲ, କାର, ବସ୍, ଟ୍ରକ୍ ଭଳି ସମସ୍ତ ଯାନବାହନ ବୀମା ସହିତ ବ୍ୟକ୍ତିଗତ ଦୁର୍ଘଟଣା ବୀମା (ପର୍ସନାଲ ଆକ୍ସିଡେଂଟ) ଏବଂ ସ୍ୱାସ୍ଥ୍ୟ ବୀମା (ହେଲଥ ଇନସୁରାନ୍ସ) ଭଳି ଗୁରୁତ୍ୱପୂର୍ଣ୍ଣ ସୁବିଧା ତୁରନ୍ତ ତଥା ସହଜରେ ପାଇପାରିବେ ବୋଲି ସୂଚନା ଦିଆଯାଇଛି । ଏହି ଉଦ୍ଘାଟନୀ ସମାରୋହରେ କମ୍ପାନୀର ଡେପୁଟି ଜେନେରାଲ ମ୍ୟାନେଜର ଯଦୁନାଥ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରକୁ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରିଜିଓନାଲ ମ୍ୟାନେଜର ମୀନାକ୍ଷୀ ବ୍ରହ୍ମା, ମ୍ୟାନେଜର ମାଥୁରାମ ହାଁସଦା, ଅମରେଶ ରାଉତ ଏବଂ କେନ୍ଦ୍ରାପଡ଼ା ଶାଖା ପରିଚାଳକ ତାପସ ରଞ୍ଜନ ରାଉତ ଉପସ୍ଥିତ ରହି ଡିଜିଟାଲ ବୀମା ବ୍ୟବସ୍ଥାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌରପାଳିକାର ୧ ନମ୍ବର ୱାର୍ଡ କାଉନ୍ସିଲର ପୁଷ୍ପଲତା ବେହେରା, ୨ ନମ୍ବର ୱାର୍ଡ କାଉନ୍ସିଲର କାଳୀପ୍ରସାଦ ମିଶ୍ର ଏବଂ ଆଦର୍ଶ ସୋସାଇଟି, ହାଡ଼ିବନ୍ଧୁ ବିହାରର ପୂର୍ବତନ ସଭାପତି ବ୍ରଜକିଶୋର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ବାବା ରାମେଶ୍ୱର ପରିଚାଳନା ମନ୍ଦିର ଟ୍ରଷ୍ଟର ବୈଠକ

ରାଉରକେଲା,୩୧/୧୦(ନି/ପ୍ର): ସାରନଗରୀ ସ୍ଥିତ ବାବା ରାମେଶ୍ୱର ପରିଚାଳନା ମନ୍ଦିର ଟ୍ରଷ୍ଟର ରେଜିଷ୍ଟ୍ରେସନ ହେବାପରେ ପ୍ରଥମ ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ସମାଜସେବୀ ପି ପି ରାୟ ଓ ସାଧାରଣ ସମ୍ପାଦକ କରୁଣାକର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିବା ବୈଠକରେ ଉପସ୍ଥିତ ସଦସ୍ୟଙ୍କ ସହମତିରେ ଏକ କାର୍ଯ୍ୟକାରୀ କମିଟି ଗଠନ କରାଗଲା । ଏହି କମିଟିରେ ଉପଦେଷ୍ଟା ଭାବେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଡାକ୍ତର ଫକୀର ଚରଣ ହୋତା, ସ୍ମୃତିକାନ୍ତ ମିଶ୍ର, ନିତ୍ୟାନନ୍ଦ ମହାନ୍ତି, ସଭାପତି ଭାବେ ପି ପି ରାୟ, କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀକୁମାର ସାହୁ, ଉପସଭାପତି ଭାବେ ପ୍ରଶାନ୍ତ କୁମାର ପାଣି ଓ ସନ୍ତୋଷ କୁମାର ଦାସ, ସାଧାରଣ ସମ୍ପାଦକ କରୁଣାକର ସାହୁ, ସମ୍ପାଦକ ପ୍ରଦୀପ୍ତ କୁମାର ପାଣି, ସଂଗଠନ ସମ୍ପାଦକ ଅନୀଲ କୁମାର ଗୁପ୍ତା, କୋଷାଧ୍ୟକ୍ଷ ଭାବେ ସୁବାସ ଚନ୍ଦ୍ରଶର୍ମାଙ୍କୁ ମନୋନୀତ କରାଗଲା । ସେହିପରି କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ସର୍ବଶ୍ରୀ ନିରଞ୍ଜନ ରାଉଳ, ପ୍ରଦୀପ କୁମାର ପାତ୍ର, ରାକେଶ ଅଗ୍ରୱାଲ, ଇଂ ରୁଦ୍ରନାରାୟଣ ସାହୁ,ଇଂ ପ୍ରଦୀପ୍ତ ରାୟ, ସୌଭାଗ୍ୟ କୁମାର ସ୍ୱାଇଁ,ରିଙ୍କୁ ବାରିକ, ଦିଲ୍ଲିପ କୁମାର ସାହୁ,ଆକାଶ ପରିଡା, କମଲେଶ୍ୱର ଶାହା ପ୍ରମୁଖଙ୍କୁ ଗ୍ରହଣ କରାଯାଇଥିଲା । ସେହିପରି ଏହି ବୈଠକରେ ମନ୍ଦିରର ଉନ୍ନତି କରଣ,ବ୍ୟାଙ୍କ ଖାତା ଖୋଲିବା,ବାବା ରାମେଶ୍ୱରଙ୍କ ବିଭିନ୍ନ ଉତ୍ସବ,ପାଳିଦାତାଙ୍କ ନାମ ଓ ଠିକଣା,ପାଳିଦାତା ଙ୍କ ଦେୟ ତିନିଶହ ଟଙ୍କା, ମନ୍ଦିରରେ ହେଉଥିବା ଗାଡି ପୂଜା ସହ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଶେଷରେ ସାଧାରଣ ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରି ବୈଠକ ସାଙ୍ଗ କରିଥିଲେ ।

ଦୁର୍ନୀତି ନିବାରଣ ସଚେତନତା ଜିଲ୍ଲା ସ୍ତରୀୟ ସମାରୋହ

ଖୋର୍ଦ୍ଧା,୩୧/୧୦(ନି/ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଜିଲ୍ଲା ସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ନିଜ ଅଭି ଭାଷଣରେ ମୁଖ୍ୟ ଅତିଥି କହିଲେ ଓଡ଼ିଶା ତଥା ଭାରତର ସଂସ୍କୃତି ସମଗ୍ର ବିଶ୍ୱରେ ଅତି ମହାନ । ଆମେ ସମସ୍ତେ ଏକାଠି ହୋଇ ଆମର ଭବ୍ୟ ଗାରିମା ମୟ ସଂସ୍କୃତି କୁ ଅଧିକରୁ ଅଧିକ ସ୍ୱଚ୍ଛତା ବଜାୟ ରଖି ଏକ ସମୃଦ୍ଧ ଓଡିଶା ଓ ଭାରତ ଗଢିବାକୁ ସମସ୍ତେ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ଆହୁରି କହିଥିଲେ ବୌଦ୍ଧ, ଜୈନ୍ୟ, ଇସଲାମ,ହିନ୍ଦୁ ସମସ୍ତ ଧର୍ମ ଗ୍ରନ୍ଥରେ ଲୋଭ, ମୋହ,ମାୟା ର ଉର୍ଦ୍ଧରେ ରହି ସତ୍ୟ, ସେବା, ମାଧ୍ୟମରେ ରାଷ୍ଟ୍ରର ହିତ କରିବାକୁ କୁହା ଯାଇଛି । କାମନାର ବିନାସରେ ଦୁଃଖର ବିନାଶ କରିବାକୁ କୁହା ଯାଇଛି କ୍ଷ ଏଣୁ ଛାତ୍ର ଛାତ୍ରୀ ଏବଂ ସମସ୍ତ ସମାଜ ଏକାଠି ହୋଇ ଦୁର୍ନୀତି ବିରୋଧରେ ବ୍ୟାପକ ଜନସଚେତନତା ଆଣିବାକୁ ମଧ ମୁଖ୍ୟ ଅତିଥି ଆହ୍ୱାନ ଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଆମ ସମାଜ ଓ ଭାରତ ବର୍ଷକୁ ସମୃଦ୍ଧ କରି ବିଶ୍ୱରେ ଭାରତକୁ ଭୁ ସ୍ୱର୍ଗରେ ପରିଣତ କରିବାକୁ ସମସ୍ତେ ଆଗେଇ ଆସିବାକୁ ପ୍ରେରଣା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ପ୍ରତ୍ୟେକ ନାଗରିକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଉଚିତ୍, ଲାଂଚ ନେବା ଓ ଦେବା ଦଣ୍ଡନୀୟ ଅପରାଧ ବୋଲି ପ୍ରତ୍ୟେକ ସ୍ତରରେ ବୁଝିବା ଦରକାର । ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ଏକ ସୁସ୍ଥ ମାନସିକତାରେ ସାମ୍ବିଧାନିକ ଆଇନ ଅନୁଯାୟୀ ଦୈନନ୍ଦିନ କାର୍ଯ୍ୟ କଲେ ତାହା ସମ୍ଭବ ହୋଇ ପାରିବ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି ଯୋଗଦେଇ କହିଲେ ଦୁର୍ନୀତି ଏକ ସମ୍ପୂର୍ଣ୍ଣ 'କୁ 'ମାନସିକତା, ଏଣୁ ପ୍ରତ୍ୟେକ ସମାଜ ଏହି 'କୁ 'ମାନସିକତା ରୁ ନିବୃତ ରହିଲେ ସମାଜ ଓ ରାଷ୍ଟ୍ର ବିକଶିତ ହେବ ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଶୁଭେନ୍ଦୁ ମହାନ୍ତି ଯୋଗ ଦେଇ କହିଲେ ସମାଜରେ ପାଖାପାଖି ଶତକଡା ଦଶ ଭାଗ ଦୁର୍ନୀତି ଲୋକମାନଙ୍କ ପାଇଁ ଅବଶିଷ୍ଟ ୯୦ ଭାଗ ଜନ ସାଧାରଣ ହଇରାଣ ହେଉଛନ୍ତି । ଦୁର୍ନୀତିକୁ ରୋକିବାକୁ ହେଲେ ପ୍ରାଥମିକ ସ୍ତରରୁ ଛାତ୍ର ଛାତ୍ରୀ ମାନଙ୍କୁ ସଂସ୍କାର କରିବା, ଆଚାର ଉଚ୍ଚାରଣରେ ସନ୍ତୁଳନ ରଖିବା ପିତା, ମାତା ଏବଂ ଶିକ୍ଷକ ପ୍ରଥମ ଗୁରୁ ଭାବେ ଦାୟିତ୍ୱ ନିର୍ବାହ କରନ୍ତି । ସେହିପରି ପ୍ରତ୍ୟେକ ବ୍ୟକ୍ତି ଲୋଭରୁ ନିବୃତ୍ତ ରହି କାର୍ଯ୍ୟ ସମ୍ପାଦନ କଲେ , ଦୁର୍ନୀତି ଖୋର୍ ବ୍ୟକ୍ତିଙ୍କୁ ସାମ୍ବିଧାନିକ ଅନୁପାଳନ ଲାଗୁ କରିବା ।

ସଂବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଂଟ ଲାଠିକଟା ବ୍ଲକରେ ଅନୁଷ୍ଠିତ

ଟିମଜୋର୍ ଦଳର ଚାମ୍ପିୟନ୍ସିପ୍ ଟ୍ରଫି ହାସଲ

ରାଉରକେଲା,୩୧/୧୦(ନି/ପ୍ର):ସେଲ, ରାଉରକେଲା ଇସ୍ପାତ କାରଖାନାର ସଂବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଂଟ ଲାଠିକଟା ବ୍ଲକର ଟଇଁସର ଗ୍ରାମ ପଚାଂୟତର ଝାଣ୍ଡି ଗ୍ରାମରେ ଅକ୍ଟୋବର ୨୭ ତାରିଖରେ ସମାପ୍ତ ହୋଇଛି । ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ମହାପ୍ରବନ୍ଧକ (କଟ୍ରାଂକ୍ଟ ସେଲ୍) ଶ୍ରୀ ଅଲୋକ କୁମାର ବେହେରା ଯୋଗଦେଇ ଟୁର୍ଣ୍ଣାମେଂଟର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ମହାପ୍ରବନ୍ଧକ (ସି.ଏସ୍.ଆର.) ଶ୍ରୀ ବି. ମଲ୍ଲିକ, ଉପ- ମହାପ୍ରବନ୍ଧକ (ସି.ଏସ୍.ଆର.) ଶ୍ରୀ ଆର. ଏସ୍. ବାରା, ସହାୟକ ମହାପ୍ରବନ୍ଧକ (ସି.ଏସ୍.ଆର.) ଶ୍ରୀ ବି. ଜେନା, ଉପପ୍ରବନ୍ଧକ (ସି.ଏସ୍.ଆର.) ଶ୍ରୀ ଏସ୍. କେ. ଶୁକ୍ଲା, ଲାଠିକଟା ଟଇଁସର ଗ୍ରାମ ପଂଚାୟତ ର ନାଏବ ସରପଚଂ ଶ୍ରୀ କର୍ମା ଓରାମ, ଟଇଁସର ସମିତି ସଭ୍ୟା କୁମାରୀ ଫୁଲମଣି ଓରାମ, ସି.ଏସ୍.ଆରର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀବୃନ୍ଦ, ୱାର୍ଡ ସଭ୍ୟମାନେ, ସମିତି ସଭ୍ୟମାନେ ଏବଂ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବକ୍ତବ୍ୟ ରଖି ଶ୍ରୀ ବେହେରା ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଅଂଶଗ୍ରହଣ କରିଥିବା ସମସ୍ତ ଦଳକୁ ପ୍ରୋତ୍ସାହିତ କରିଥିଲେ । ସେ ସ୍ଥାନୀୟ ଅଚଂଳରେ ଫୁଟବଲର ଗୁରୁତ୍ୱ ଏବଂ ଏକ ଦଳଗତ କ୍ରିଡ଼ା ଭାବରେ ଏହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଚାମ୍ପିୟନ୍ ଟିମଜୋର୍ ଦଳ ଏକ ଟ୍ରଫି ଏବଂ ୧୦,୦୦୦/- ଟଙ୍କାର ନଗଦ ପୁରସ୍କାର ଲାଭ କରିଥିବାବେଳେ ଝାରତରଙ୍ଗ ରନର୍ସ-ଅପ୍ ହୋଇ ଏକ ଟ୍ରଫି ଏବଂ ୮,୦୦୦/- ଟଙ୍କାର ନଗଦ ପୁରସ୍କାର ଲାଭ କରିଥିଲା । ଟଇଁସର ଏବଂ ଜଲଦା ଦଳ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରି ୬,୦୦୦/- ଟଙ୍କା ଏବଂ ୪,୦୦୦/- ଟଙ୍କାର ନଗଦ ପୁରସ୍କାର ପ୍ରାପ୍ତ କରିଥିଲେ । ଟଇଁସରର ଅଜୟ ବାରୁଆଙ୍କୁ ଶ୍ରେଷ୍ଠ ଖେଳାଳି, ଜଲଦାର ଅନୀଶ ବାର୍ଲାଙ୍କୁ ଶ୍ରେଷ୍ଠ ସ୍କୋରର, ଜଲଦାର କିଶୋର ମିଞ୍ଜଙ୍କୁ ଶ୍ରେଷ୍ଠ ଗୋଲ୍ କିପର ଏବଂ ଝାରତରଙ୍ଗର ସାଗର ସାହାଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଭାବେ ବିବେଚିତ କରାଯାଇଥିଲା । ପ୍ରତ୍ୟେକଙ୍କୁ ୧୦୦୦/- ଟଙ୍କା ଏବଂ ଏକ ଟ୍ରଫି ପ୍ରଦାନ କରାଯାଇଥିଲା । ରାଉରକେଲା ଇସ୍ପାତ କାରଖାନା ସହାୟତାରେ ଏହି ଟୁର୍ଣ୍ଣାମେଂଟଟି ପୂଜା ସେଲ୍ଫ ହେଲ୍ପ ଗ୍ରୁପ୍ ଦ୍ୱାରା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଗ୍ରାମ ଏବଂ ଏହାର ଆଖପାଖ ଅଚଂଳରୁ ବହୁସଂଖ୍ୟକ ଫୁଟବଲ୍ ପ୍ରେମୀ ଏକତ୍ରିତ ହୋଇଥିଲେ । ପ୍ରାରମ୍ଭରେ ଶ୍ରୀ ବି ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଶ୍ରୀ ଆର. ଏସ୍. ବାରା ଧନ୍ୟବାଦ ଅର୍ପଣ କରିଥିଲେ । ସି.ଏସ୍.ଆରର ସେକ୍ସନ ଅଫିସର୍ ଶ୍ରୀ ବି. ଏକ୍କା ଏବଂ ଏସ.ଓ. ଶ୍ରୀ ଜି. ଆର. ନାୟକ ମିଳିତ ଭାବେ ଉଦଯାପନୀ ଉତ୍ସବ ଏବଂ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଏହା ୨୦୨୬-୨୭ ସିରିଜର ପ୍ରଥମ ଜୋନାଲ୍‌ସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଂଟ ଥିଲା, ଯାହା ପ୍ରତିବର୍ଷ ଆର.ଏସ.ପିର ଚାରୋଟି ପାର୍ଶ୍ୱବର୍ତ୍ତୀ ବ୍ଲକରେ ଆୟୋଜିତ ହୋଇଥାଏ । ଚାରୋଟି ଜୋନରୁ ଚାମ୍ପିୟନ୍ ଏବଂ ରନର୍ସ-ଅପ୍ ହୋଇଥିବା ଦଳଗୁଡ଼ିକ ରାଉରକେଲାରେ ଅନୁଷ୍ଠିତ ହେବାକୁ ଥିବା ଚୂଡ଼ାନ୍ତ ଫୁଟବଲ୍ ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱିତା କରିବେ ।